بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 03

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

www.akhbarbadarqadian.in

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

21 ଜାନୁୟାରୀ 2021 | 21 ସୁଲାହ୍ 1400 ହି.ଶ | 07 ଜମାଦିଲ୍ ସାନି 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡۤا اٰمِنُوۡا بِاللّٰهِ وَرَسُوۡلِهٖ وَالۡكِتٰبِ الَّذِىۡ نَزَّلَ عَلٰى رَسُوۡلِهٖ وَالۡكِتٰبِ الَّذِىۡۤ اَنۡزَلَ مِنۡ قَبۡلُ ؕ (النساء:137)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍ଙ୍କ ଉପରେ ଓ ତାହାଙ୍କ ରସୁଲ୍ଙ୍କ ଉପରେ ଯେଉଁ (ଧର୍ମ) ଗ୍ରନ୍ଥ ଅବତୀର୍ଣ୍ଣ ହୋଇଅଛି ଏବଂ ଏହାଙ୍କ ପୂର୍ବରୁ ଯେଉଁ (ଧର୍ମ) ଗ୍ରନ୍ଥ ଅବତୀର୍ଣ୍ଣ ହୋଇଥିଲା ସେମାନଙ୍କ ଉପରେ ବିଶ୍ୱାସ ସ୍ଥାପନ କର ।

*(ନିସା: ୧୩୭)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

## ପ୍ରାର୍ଥନା କରନ୍ତୁ ଯେ ଏ ବର୍ଷଟି ଯମାତ୍ ପାଇଁ, ପୃଥିବୀ ପାଇଁ ଓ ମାନବ ସମାଜ ନିମନ୍ତେ ମଙ୍ଗଳମୟ ହେଉ ।

**ଆମେମାନେ ମଧ ନିଜର କର୍ତବ୍ୟ ସମ୍ପାଦନ କରି ପୂର୍ବାପେକ୍ଷା ଅଧିକ ଈଶ୍ୱରଙ୍କ ଆଡ଼କୁ ମୁହାଁଇବା ଏବଂ ପୃଥିବୀବାସୀ ମଧ ନିଜ ଜନ୍ମର ଉଦ୍ଦେଶ୍ୟକୁ ବୁଝି ଈଶ୍ୱରଙ୍କ ପ୍ରତି ଥିବା କର୍ତବ୍ୟକୁ ନିର୍ବାହ କରନ୍ତୁ ।**

**ପ୍ରତ୍ୟେକ ଅହେମଦୀଙ୍କଠାରେ ଗୋଟିଏ ବହୁତ ବଡ଼ କାର୍ଯ୍ୟ ନ୍ୟସ୍ତ କରାଯାଇଅଛି । ତାହାକୁ ନିର୍ବାହ କରିବା ପାଇଁ ପ୍ରଥମେ ନିଜ ଭିତରେ ପ୍ରେମ, ଭଲ ପାଇବା ଏବଂ ଭାଇଚାରାର ବାତାବରଣ ସୃଷ୍ଟି କରନ୍ତୁ ତା'ପରେ ପୁଣି ଏ ଜଗତକୁ ସେହି ଧ୍ୱଜା ତଳକୁ ଟାଣି ଆଣନ୍ତୁ ଯାହାକୁ ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଉତୋଳନ କରିଥିଲେ, ଯାହା ହେଉଛି ଅଲ୍ଲାଃଙ୍କର ଏକେଶ୍ୱରବାଦର ଧ୍ୱଜା । ତାହେଲେ ଆମେ ବୟତ୍‌ର ହକ୍‌କୁ ପ୍ରଦାନକାରୀ ହୋଇପାରିବା, ତାହେଲେ ଆମେ ଅଲ୍ଲାଃଙ୍କ କୃପାର ଅଧିକାରୀ ହୋଇପାରିବା ଏବଂ ନୂତନବର୍ଷର ଅଭିନନ୍ଦନ ଦେବାର ଓ ନେବାର ଯୋଗ୍ୟ ବିବେଚିତ ହୋଇପାରିବା ।**

**ପ୍ରତ୍ୟେକ ଅହେମଦୀ ପୁରୁଷ, ମହିଳା, ଯୁବକ, ପିଲା ଏବଂ ବୁଢ଼ା ସମସ୍ତେ ଏକଥାକୁ ବୁଝି ଏ ପ୍ରତିଜ୍ଞା କରନ୍ତୁ ଯେ ଏ ବର୍ଷ ମୁଁ ଦୁନିଆରେ ଏକ ପରିବର୍ତନ ସୃଷ୍ଟି କରିବାପାଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବି ।**

## ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହ ପଂଚମ ଅ:ବ:ଅଙ୍କ ବାଣୀ

ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହ ପଂଚମ ଅ:ବ:ଅ ନିଜର ଖୁତ୍‌ବା ଯୁମା ୧ ଜାନୁୟାରୀ ୨୦୨୧ ରେ କହିଲେ: ଆଜି ନୂଆ ବର୍ଷର ପ୍ରଥମ ଦିନ ଓ ପ୍ରଥମ ଯୁମା । ପ୍ରାର୍ଥନା କରନ୍ତୁ ଏ ବର୍ଷଟି ଯମାତ୍ ପାଇଁ, ସଂସାରବାସୀଙ୍କ ପାଇଁ ଏବଂ ମାନବଜଗତ ପାଇଁ ମଙ୍ଗଳମୟ ହେଉ । ଆମେ ମଧ୍ୟ ନିଜର କର୍ତବ୍ୟ ସମ୍ପାଦନ କରି ପୂର୍ବଠାରୁ ଅଧିକା ଖୁଦାତାଲାଙ୍କ ନିକଟତର ହୋଇ ନିଜ ଉପାସନାର ସ୍ତରକୁ ବୃଦ୍ଧି କରିପାରିବାବାଲା ହେବା ଏବଂ ଏ ପୃଥିବୀବାସୀ ମଧ୍ୟ ନିଜ ଜୀବନର ଉଦ୍ଦେଶ୍ୟକୁ ବୁଝି ଅଲ୍ଲାଃ ତାଲାଙ୍କ ହକ୍‌କୁ ପ୍ରଦାନ କରନ୍ତୁ ଓ ଜଣେ ଅନ୍ୟ ଜଣଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ପରିବର୍ତେ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହୋଇ ଜଣେ ଅନ୍ୟର ଅଧିକାରକୁ ପ୍ରଦାନ କରନ୍ତୁ । ନଚେତ ପୁଣି ଅଲ୍ଲାଃ ନିଜ ହିସାବରେ ସଂସାରବାସୀଙ୍କୁ ତାଙ୍କ କର୍ତବ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇଥାଏ । କାଳେ ଆମେ ଓ ଏ ସଂସାରର ସମସ୍ତ ଲୋକେ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବୁଝିଯାଆନ୍ତେ ଓ ନିଜର ଇହକାଳ ଓ ପରକାଳକୁ ସୁଧାରି ନିଅନ୍ତେ ।

ଅତଏବ ଏ ବର୍ଷ ସେତେବେଳେ ଆମ ପାଇଁ ଶୁଭେସ୍ୱାର ବର୍ଷ ହେବ ଯେତେବେଳେ ଆମେ ନିଜର କର୍ତବ୍ୟକୁ ଏପରି ନିର୍ବାହ କରୁଥିବା ଯଦ୍ୱାରା ଲୋକମାନଙ୍କୁ ବୁଝାଇପାରିବା ଓ ସଂସାରବାସୀଙ୍କୁ ବୁଝାଇପାରିବା । ଏଥିରୁ ସ୍ୱଷ୍ଟ ହେଉଅଛି ଯେ ଏହା ସବୁ କରିବାପାଇଁ ଆମକୁ ନିଜ ଅବସ୍ଥା ପ୍ରତି ଧ୍ୟାନ ଦେବାକୁ ହେବ । ଆମେ ଯେଉଁମାନେ ଏ ଯୁଗର ଇମାମ୍ ମସିହ ମଉଦ୍ ଏବଂ ମେହେଦି ମାହୁଦ୍‌ଙ୍କୁ ମାନୁଅଛୁ, କଣ ଆମର ଅବସ୍ଥା ଏପରି ହୋଇଗଲାଣି ଯେ ଆମେ ଅଲ୍ଲାଃ ତାଲାଙ୍କ ପ୍ରତି ଥିବା କର୍ତବ୍ୟକୁ ପ୍ରଦାନ କରିବା ସହିତ ନିଷ୍ଠାପର ଭାବେ ତାହାଙ୍କ ପ୍ରାଣୀଜଗତର ହକ୍‌କୁ ମଧ୍ୟ ପ୍ରଦାନ କରିପାରିବା ବା ଏବେ ଆମେ ନିଜର ସୁଧାର କରିବା ସହିତ ପରସ୍ପର ପ୍ରତିଥିବା ପ୍ରେମ ଏବଂ ସ୍ନେହର ଅନୁଭବକୁ ଅସାଧାରଣ ସ୍ତର ପର୍ଯ୍ୟନ୍ତ ଆଣିବାର ଆବଶ୍ୟକ ରହିଛି । ଅତଏବ ପ୍ରତ୍ୟେକ ଅହେମଦୀଙ୍କୁ ଧ୍ୟାନ ଦେବା ଉଚିତ ଯେ ତାକୁ ବହୁତ ବଡ଼ କାର୍ଯ୍ୟ କରିବାକୁ ଅଛି ଏବଂ ତାହା ନିର୍ବାହ କରିବା ପାଇଁ ନିଜ ଭିତରେ ପ୍ରେମ, ସ୍ନେହ ଓ ଭାଇଚାରାର ପରିବେଶ ସୃଷ୍ଟି କରନ୍ତୁ । ନିଜ ସମାଜରେ ଅହେମଦୀ ସମାଜରେ ଏବଂ ପୁଣି ଏ ଦୁନିଆରେ ରହୁଥିବା ସମସ୍ତ ଅଧିବାସୀଙ୍କୁ ସେହି ଧ୍ୱଜା ତଳକୁ ନେଇ ଆସନ୍ତୁ ଯାହାକୁ ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଉତୋଳନ କରିଥିଲେ ଓ ଯାହା ହେଉଛି ଅଲ୍ଲାଃଙ୍କ ଏକେଶ୍ୱରବାଦର ଧ୍ୱଜା । ତେବେ ଯାଇ ଆମେ ନିଜ ବୟତ କରିବାର ଉଦ୍ଦେଶ୍ୟରେ ସଫଳ ହୋଇପାରିବା, ତେବେ ଆମେ ଅଲ୍ଲାଃଙ୍କ କୃପାର ଅଧିକାରୀ ହୋଇପାରିବା ଏବଂ ତେବେ ଯାଇ ଆମେ ନୂତନ ବର୍ଷର ଅଭିନନ୍ଦନ ଦେବା ଓ ନେବାର ଯୋଗ୍ୟ ବିବେଚିତ ହୋଇପାରିବା । ଅଲ୍ଲାଃ ତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ଅହେମଦୀ ପୁରୁଷ, ମହିଳା, ଯୁବକ, ପିଲା ଏବଂ ବୁଢ଼ା ସମସ୍ତେ ଏକଥାକୁ ବୁଝିସୁଛି ଏ ପ୍ରତିଜ୍ଞା କରନ୍ତୁ ଯେ ଏ ବର୍ଷ ମୁଁ ଦୁନିଆରେ ଏକ ପରିବର୍ତନ ସୃଷ୍ଟି କରିବାପାଇଁ ନିଜର ସମସ୍ତ

## ନବୀ ସ:ଆ:ସଙ୍କ ବାଣୀ

(୯୫୫)ହଜ୍‌ରତ୍ ବରାଅ୍ ବିନ୍ ଆଜିବ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଇଦୁଲ୍ ଅଜ୍‌ହା ଦିନ ନମାଜ ପରେ ନବୀ ସ:ଆ:ସ ଆମମାନଙ୍କୁ ସମ୍ବୋଧନ କରି କହିଲେ: ଯିଏ ଆମ ଶୈଳୀରେ ନମାଜ ପାଠ କଲା ଓ ଆମ କୁର୍ବାନୀ ପରି କୁର୍ବାନୀ କଲା, ସେ ଠିକ୍ କୁର୍ବାନୀ କରିଛି । ଯିଏ ନମାଜ ପୂର୍ବରୁ କୁର୍ବାନୀ କରିଛି, ଯେହେତୁ ତାହା ନମାଜ ପୂର୍ବରୁ ହୋଇଛି ତେଣୁ ତା'ର କୌଣସି କୁର୍ବାନୀ ହେଲାନାହିଁ । ଏଥିରେ ହଜ୍‌ରତ୍ ଅବୁ ବୁର୍‌ଦାଃ ବିନ୍ ନୟାଜ୍ ର:ଅ ଯିଏ ହଜ୍‌ରତ୍ ବରାଅ (ବିନ୍ ଆଜିବ୍ ର:ଅ)ଙ୍କ ମାମୁଁ ଥିଲେ, ସେ କହିଲେ: ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ତ ମୋ ଛେଳିକୁ ନମାଜ ପୂର୍ବରୁ ଜେଭ (ହଲାଲ୍) କରି ଦେଇଥିଲି । ମୁଁ ତ ଏହା ବୁଝିଛି ଯେ ଆଜିର ଦିନଟି ହେଉଛି ଖାଇବା ପିଇବାର ଦିନ ତେଣୁ ମୁଁ ଚାହିଁଲି ଯେ ପ୍ରଥମେ ମୋ ଘରେ ଛେଳି ଜେଭ ହେଉ ତେଣୁ ମୁଁ ମୋ ଛେଳିଟିକୁ ଜେଭ କରିଦେଲି ଓ ନମାଜ ପଢ଼ିବାକୁ ଆସିବା ପୂର୍ବରୁ ନାସ୍ତା କଲି । ଏହା ଶୁଣି ମହାଭାଗ ସ:ଆ:ସ କହିଲେ: ତୁମର ଛେଳି କେବଳ ମାଂସ ପାଇଁ ହେଲା । ସେ କହିଲେ: ହେ ଅଲ୍ଲାଃଙ୍କ ରସୁଲ୍ ! ଆମ ଘରେ ଗୋଟିଏ ଏକ ବର୍ଷର ପେଠା (ଯୁବକ ପଶୁ) ଅଛି ଯାହା ମତେ ଦୁଇଟି ଛେଳିଠାରୁ ମଧ ଅଧିକ ପ୍ରୀୟ । କଣ ତାହା ମୋ ତରଫରୁ କୁର୍ବାନୀ ପାଇଁ ଯଥେଷ୍ଟ ହେବ ? ଏଥିରେ ମହାଭାଗ ସ:ଆ:ସ କହିଲେ: ହଁ । ତୁମ ପରେ ଆଉ କାହା ପାଇଁ ଏପରି କୁର୍ବାନୀ ହେବ ନାହିଁ ।

***(ସହୀ ବୁଖାରୀ, ଖଣ୍ଡ-୨, କିତାବୁଲ୍ ଇଦୈନ୍, ମୁଦ୍ରଣ- ୨୦୦୬- କାଦିଆନ୍)***

ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରିବି । ଅଲ୍ଲାଃ ତାଲା ପ୍ରତ୍ୟେକ ଅହେମଦୀକୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଆମର ଖୁସି ଓ ଆନନ୍ଦ ବର୍ଷର ଆରମ୍ଭରେ ହେଉ ବା ଈଦ୍ ପର୍ବରେ ହେଉ, ତାହା ବାସ୍ତବରେ ସେତେବେଳେ ହେବ ଯେତେବେଳେ ଆମେ ପୃଥିବୀର ଚର୍ତୁଃଦିଗରେ ଅଲ୍ଲାଃ ତାଲାଙ୍କ ଏକେଶ୍ୱରବାଦର ଧ୍ୱଜାକୁ ଲହରାଇବା, ଯେଉଁ ଧ୍ୱଜାକୁ ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଘେନି ଆଣିଥିଲେ । ଆମର ପ୍ରକୃତ ଖୁସି ସେତେବେଳେ ହେବ ଯେତେବେଳେ ମାନବସମାଜ ମାନବୀୟ ମୂଲ୍ୟବୋଧକୁ ଚିହ୍ନିବ ଯେତେବେଳେ ପାରସ୍ପରିକ ଘୃଣାଭାବ ପ୍ରେମରେ ପରିଣତ ହୋଇଯିବ । ଅଲ୍ଲାଃ ତାଲା ଏହି ଖୁସିର ସମାଚାର ଆମକୁ ଯଥାଶିଘ୍ର ପ୍ରଦାନ କରନ୍ତୁ । ମୁସଲମାନମାନଙ୍କୁ ବୁଦ୍ଧି ଦିଅନ୍ତୁ ଯେ ସେମାନେ ଆସିଥିବା ମସିହ୍ ମଉଦ୍ ଅର୍ଥାତ ପ୍ରତିଶୃତ ମସିହ ଏବଂ ମେହେଦୀଙ୍କୁ ମାନି ନିଅନ୍ତୁ । ଏ ସଂସାରବାସୀଙ୍କୁ ମଧ ଜ୍ଞାନ ପ୍ରଦାନ କରନ୍ତୁ ଯେ ସେମାନେ ଅଲ୍ଲାଃ ତାଲା ଏବଂ ତାହାଙ୍କ ଭକ୍ତମାନଙ୍କର ଅଧିକାର ପ୍ରତି ଧ୍ୟାନ ଦିଅନ୍ତୁ । ଅଲ୍ଲାଃ ତାଲା ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ଅହେମଦୀଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଏବଂ ଏ ବର୍ଷଟି ପ୍ରତ୍ୟେକ ଅହେମଦୀଙ୍କ ପାଇଁ, ପ୍ରତ୍ୟେକ ମଣିଷ ପାଇଁ କରୁଣାମୟ ଓ ମଙ୍ଗଳମୟ ବର୍ଷ ହେଉ ଏବଂ ବିଗତ ବର୍ଷଗୁଡ଼ିକରେ ଯେଉଁ ତ୍ରୁଟି ଓ ଅବହେଳା ଆମ ଦ୍ୱାରା ହୋଇଯାଇଛି ସେଥିଯୋଗୁଁ ଈଶ୍ୱରଙ୍କ ଅପ୍ରସନ୍ନତାର କାରଣ ହୋଇଛେ ଓ ସେଥିଯୋଗୁଁ ଆମେ ଅଲ୍ଲାଃଙ୍କର କେତେକ ପୁରସ୍କାରରୁ ମଧ୍ୟ ବଂଚିତ ରହିଛେ, ସେ ସବୁରୁ ଅଲ୍ଲାଃ ତାଲା ଆମକୁ ବଂଚାନ୍ତୁ । ଅଲ୍ଲାଃ ତାଲା ନିଜର ପୁରସ୍କାର ଓ କୃପାର ଅଧିକାରୀ ଆମକୁ ବନାନ୍ତୁ ଫଳତଃ ଆମେ ପ୍ରକୃତ ମୋମିନ୍ (ବିଶ୍ୱାସକାରୀ) ହୋଇପାରିବ । ଅଲ୍ଲାଃ ଆମକୁ ଏହି ପ୍ରାର୍ଥନା କରିବାକୁ ମଧ୍ୟ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଓ ପୂଣ୍ୟବ୍ୟକ୍ତି ଥିଲେ ସେ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ନିଜର ଓ୍ୱକ୍‌ଫକୁ ପାଳନ କରିଥିଲେ କିନ୍ତୁ ସେ ଜଣେ ଆଦର୍ଶ ସ୍ୱାମୀ ଓ ପିତା ମଧ୍ୟ ଥିଲେ ମୃତ୍ୟୁ ପୂର୍ବରୁ ସେ ନିଜ ସନ୍ତାନମାନଙ୍କୁ ଏହି ଉପାଦଶ ଦେଇଥିଲେ ଯେ ଯମାତ୍ ଓ ଅଲ୍ଲାଃ ତାଲାଙ୍କ ସହିତ ନିଜର ସମ୍ପର୍କ ସୁଦୃଢ଼ ରଖିବ ଏବଂ ନିୟମିତ ନମାଜ ପାଠ କରିବା ଅତ୍ୟନ୍ତ ଜରୁରୀ ଅଟେ । ସେ ସମଗ୍ର ଜୀବନ ନମାଜ ତହ୍‌ଜୁଦ୍ ଓ ଅନ୍ୟ ନମାଜ ଗୁଡ଼ିକୁ ନିୟମିତ ପାଠ କରିବାରେ ଅତିବାହିତ କରିଥିଲେ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନୀୟ ଶାହିନା କମର୍ ସାହେବା ନଜାରତ୍ ଓଲିୟାର ଡ୍ରାଇଭର ଯନାବ୍ କମର୍ ଅହ୍‌ମଦ୍ ସଫିକ୍ ସାହେବଙ୍କ ଧର୍ମପତ୍ନୀଙ୍କର । ଶାହିନ୍ କମର୍ ସାହେବା ତାଙ୍କ ପୁତ୍ର ସମର୍ ଅହମଦ୍ ସହିତ ଗତ ନଭେମ୍ବର ମାସ ୧୨ ତାରିଖ ଦିନ ଦ୍ୱିପ୍ରହର ୧:୧୫ ମିନିଟ ସମୟରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ।

ମୃତ୍ୟୁ ବେଳେ ସ୍ୱର୍ଗତାଙ୍କୁ ୩୮ ବର୍ଷ ବୟସ ହୋଇଥିଲା ଏବଂ ତାଙ୍କର ପୁତ୍ର ସମର ଅହମଦ୍ ସାହେବଙ୍କୁ ୧୭ ବର୍ଷ ହୋଇଥିଲା । ଶାହିନ୍ କମର୍ ସାହେବା ନିଜ ପଛରେ ନିଜର ସ୍ୱାମୀ ଓ ଦୁଇ ଜଣ ଝିଅ ଓ ଜଣେ ପୁଅ ତଥା ତିନିଜଣ ଭାଇ ଛାଡ଼ି ଯାଇଛନ୍ତି । ସ୍ୱର୍ଗତାଙ୍କ ସୁପୁତ୍ରୀ ସାଇନା କମର ସାହେବ କୁହନ୍ତି କି ମୋର ମାଆ ଅତ୍ୟନ୍ତ ପୂଣ୍ୟବାନ ମହିଳା ଥିଲେ । ମତେ ସର୍ବଦା ପୂଣ୍ୟ କରିବାପାଇଁ ଉତ୍ସାହିତ କରୁଥିଲେ ନିଜେ ମଧ୍ୟ ପୂଣ୍ୟରେ ସର୍ବାଗ୍ରେ ରହୁଥିଲେ ଏବଂ ମୋ ସହିତ ପ୍ରତ୍ୟେକ କଥା ସେୟାର କରୁଥିଲେ । ସେ ମୋର ଜଣେ ଭଲ ସାଥି ଥିଲେ ଓ ସେ ମତେ ସବୁକଥା କହୁଥିଲେ ମାଶାଅଲ୍ଲାଃ ଯମାତ୍‌ର କାର୍ଯ୍ୟ ପ୍ରତି ତାଙ୍କର ଗଭୀର ଅନୁରୋକ୍ତି ଥିଲା ସେ ନିଜର ସମସ୍ତ କଥା କହୁଥିଲେ ଏବଂ ସ୍ୱଳ୍ପ ଶିକ୍ଷା ସତ୍ୱେ ଯମାତ୍‌ର ସେବାପାଇଁ ସର୍ବଦା ତତ୍ପର ରହୁଥିଲେ । ତାଙ୍କର ସ୍ୱାମୀ କୁହନ୍ତି ସ୍ୱର୍ଗତା ସ୍ୱଳ୍ପ ଶିକ୍ଷା ସତ୍ୱେ ଘରକୁ ଭଲ ଭାବରେ ସମ୍ଭାଳି ଥିଲେ ପିଲାମାନଙ୍କର ମଧ୍ୟ ଭଲ ଭାବରେ ସଂସ୍କାର କରିଥିଲେ ।

ଏହାପରେ ତାଙ୍କ ୧୭ ବର୍ଷୀୟ ମୃତ ପୁତ୍ର ସ୍ୱର୍ଗତ ସମର ଅହ୍‌ମଦ୍ କମର୍ ପିତା କମର୍ ଅହେମଦ୍ ସଫିକ୍ ସାହେବଙ୍କର ଚର୍ଚ୍ଚା । ସେ ମଧ୍ୟ ଅଲ୍ଲାଃ ତାଲାଙ୍କ ଦୟାରୁ ପାଠ ପଢ଼ାରେ ମଧ୍ୟ ଭଲ ଥିଲେ । ଖୁଦାମୁଲ୍ ଅହେମଦୀୟା ସହିତ ଜଡ଼ିତ ଥିଲେ ଏବଂ ନିଜ ଡ୍ୟୁଟି ବେଶ୍ ଉତ୍ସାହର ସହିତ ସମ୍ପାଦନ କରୁଥିଲେ । ଯମାତ୍‌ର କାର୍ଯ୍ୟରେ ମଧ୍ୟ ଶକ୍ରିୟ ଥିଲେ । ତାଙ୍କ ଜଇମ୍ ସାହେବ ଯେତେବେଳେ ତାଙ୍କୁ କୌଣସି କାମ ପାଇଁ ଡ଼ାକୁଥିଲେ ସେତେବେଳେ ସେ ନିଜର ସମସ୍ତ କାମ ଛାଡ଼ି ଚାଲି ଆସୁଥିଲେ । ତାଙ୍କ ପିତା ଉଲ୍ଲେଖ କରନ୍ତି ମୁଁ ବେଳେ ବେଳେ ତିନି ତିନି ଦିନ ଏବଂ ଚାରି ଚାରି ଦିନ ଧରି ଯାତ୍ରା କରି ବାହାରେ ରହୁଥିଲି ସେତେବେଳେ ସେ ମତେ କହୁଥିଲା କି ପିତାଶ୍ରୀ ଆପଣ ଚିନ୍ତିତ ହୁଅନ୍ତୁ ନାହିଁ ମୁଁ ଘରକୁ ସମ୍ଭାଳି ନେବି । ଅର୍ଥାତ ଇଏ ଯମାତି ଡ୍ରାଇଭିଙ୍ଗ କରିବା ଯୋଗୁଁ ତିନି ତିନି ଦିନ ଚାରି ଚାରି ଦିନ ବାହାରେ ରହୁଥିଲେ । ସେତେବେଳେ ସେ ନିଜ ପିତାଙ୍କୁ ସାନ୍ତ୍ୱନା ଦେଉଥିଲେ ଯେ ଆପଣଙ୍କ ଅନୁପସ୍ଥିତିରେ ଆପଣ ଚିନ୍ତିତ ହେବେନାହିଁ ମୁଁ ଘରକୁ ସମ୍ଭାଳି ନେବି । ନିଃସନ୍ଦେହ ସେ ଅତ୍ୟନ୍ତ ଧିରସ୍ଥିର ଭାବରେ ନିଜର କର୍ମ ସମ୍ପାଦନ କରୁଥିଲେ ଏବଂ ପ୍ରକୃତରେ ମଧ୍ୟ ତାହା ହିଁ ଥିଲା । ସେ ଅତ୍ୟନ୍ତ ଦାୟିତ୍ୱବାନ ବାଳକ ଥିଲା । ସ୍ୱର୍ଗତ ସମର ଅହ୍‌ମଦ୍ କମର୍‌ଙ୍କ ବଡ଼ ଭଉଣୀ ସମ୍‌ରିନ୍ କୁହନ୍ତି ମୋର ଭାଇ ମାସାଅଲ୍ଲାଃ ବହୁତ ଭଲ ଭାଇ ଥିଲା ତାଙ୍କୁ ମୁଁ ଯଦି କେତେବେଳେ କିଛି ଗାଳି କରୁଥିଲି ପାଟିତୁଣ୍ଡ କରୁଥିଲି, ରାଗ ହେଉଥିଲି, ଉତ୍ୟକ୍ତ ହେଉଥିଲି, କ୍ରୋଧିତ ହେଉଥିଲି ସେ ସେଥିରେ ଆଦୌଁ ଉଦ୍‌ବେଗ ପ୍ରକାଶ କରୁନଥିଲା, ପ୍ରତିବାଦ କରୁନଥିଲା ବରଂ ତାଙ୍କର ସାନ ଭାଇଭଉଣୀମାନେ ମଧ୍ୟ ଉଲ୍ଲେଖ କରନ୍ତି ଯେ ଆମ ଭାଇ ଅନ୍ୟ ପିଲାମାନଙ୍କ ସହିତ ପ୍ରେମ ପ୍ରଦର୍ଶନ କରୁଥିଲେ ଏବଂ ଭାଇଭଉଣୀମାନଙ୍କ ସହିତ ଅତ୍ୟନ୍ତ ଘନିଷ୍ଠ ପ୍ରେମ ସମ୍ପର୍କ ରହିଥିଲା । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ତାଙ୍କର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ଏବଂ ସେହି ପରିବାରର ସମସ୍ତ ପରିବାରବର୍ଗଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ସେହି ପିଲାମାନଙ୍କର ବାପାଙ୍କୁ ମଧ୍ୟ ଧୈର୍ଯ୍ୟ ଦିଅନ୍ତୁ କାରଣ ତାଙ୍କର ଗୋଟିଏ ପୁତ୍ର ଓ ପତ୍ନୀଙ୍କର ଦେହାନ୍ତ ହୋଇଯାଇଛି ।

ତୃତୀୟ ଯନାଜାଃ ହେଉଛି ସମ୍ମାନୀୟ ସ୍ୱର୍ଗତା ସଇଦା ଅଫଜଲ୍ ଖୋଖର୍ ସାହିବାଙ୍କର ସେ ମୁହମ୍ମଦ ଅଫ୍‌ଜଲ୍ ଖୋଖର୍ ସାହେବ ଶହୀଦଙ୍କ ପତ୍ନୀ ଥିଲେ ଏବଂ ଅଶ୍‌ରଫ୍ ମେହ୍‌ମୁଦ୍ ଖୋଖର୍ ଶହୀଦଙ୍କର ମାଆ ଥିଲେ । ତାଙ୍କ ସ୍ୱାମୀ ମଧ୍ୟ ଶହୀଦ ହୋଇଯାଇଥିଲେ ଏବଂ ପୁଅ ମଧ୍ୟ ଶହୀଦ୍ ହୋଇଛନ୍ତି ।

ସ୍ୱର୍ଗତା ସଇଦା ସାହେବା ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ କାନାଡ଼ାଠାରେ ମୃତ୍ୟୁବରଣ କରିଥିଲେ, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱାମୀ ଓ ପୁତ୍ରଙ୍କର ସାହାଦ୍‌ତ୍ ପରେ ତାଙ୍କୁ ଅତ୍ୟନ୍ତ କଠିନ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିଥିଲା । ସେ ପ୍ରତ୍ୟେକ କଠିନ ପରିସ୍ଥିତିରେ ଅତ୍ୟନ୍ତ ଧୈର୍ଯ୍ୟ ଓ ସାହାସର ସହିତ ମୁକାବିଲା କରିଥିଲେ ଅତ୍ୟନ୍ତ ସୌଜନ୍ୟତା ମୂଳକ ଭାବରେ ନିଜ ଜୀବନକୁ ଅତିବାହିତ କରିଥିଲେ । କେବେହେଲେ ନିଜ ତୁଣ୍ଡରେ କୌଣସି ଅଭିମାନ କିମ୍ବା ଅଭିଯୋଗ ଆଣିନଥିଲେ । ସେ ତିନିଜଣ କନ୍ୟାଙ୍କ ବିବାହ କାର୍ଯ୍ୟ ଅତି ସୁନ୍ଦର ଭାବରେ କରି ନିଜ କର୍ତବ୍ୟକୁ ସମ୍ପାଦନ କରିଛନ୍ତି । କିଛି ବର୍ଷ ତଳେ ତାଙ୍କର ଆଉ ଏକ ପୁତ୍ରର ଅକାଳ ବିୟୋଗ ଘଟିଥିଲା ଯଦ୍ୱାରା ତାଙ୍କୁ ଏହାର ଗଭୀର ଆଘାତ ଲାଗିଥିଲା ଓ ସେହି ଆଘାତକୁ ସେ ସହ୍ୟ କରିଥିଲେ । ଉକ୍ତ ଅବସରରେ ମଧ୍ୟ ସେ ଅତ୍ୟନ୍ତ ଧୈର୍ଯ୍ୟମୂଳକ ଉଦାହରଣ ପ୍ରଦର୍ଶନ କରିଥିଲେ । ସେ ନିଜର ସମସ୍ତ ପରିଜନମାନଙ୍କୁ ଭଲ ପାଉଥିଲେ ଏବଂ ତାଙ୍କ ପ୍ରତି ଆନ୍ତରିକତା ପ୍ରଦର୍ଶନ କରୁଥିଲେ ସେ ଗରୀବ ଲୋକମାନଙ୍କୁ ବହୁତ ସାହାଯ୍ୟ କରୁଥିବା ମହିଳା ଥିଲେ ଏବଂ ଅତ୍ୟନ୍ତ ଅତିଥିପ୍ରୀୟ ଥିଲେ । ଖିଲାଫତ୍ ପ୍ରତି ଅନୁରାଗ ଏବଂ ସମ୍ମାନ ପ୍ରଦର୍ଶନ କରିବା ପ୍ରେମ ପ୍ରଦର୍ଶନ କରିବା ତାଙ୍କର ବିଶେଷ ଗୁଣ ଥିଲା । ଯମାତ୍‌ର ଆହ୍ୱାନରେ ସେ ସର୍ବଦା ଅଂଶଗ୍ରହଣ କରୁଥିଲେ । ସମଗ୍ର ଜୀବନ ନିଜର ମାଆ ବାପା ଓ ଶହୀଦ୍ ସ୍ୱାମୀ ତଥା ନିଜ ପୁତ୍ର ପାଇଁ ଓ ବଂଶର ଅନ୍ୟ ମୃତ ମୁରବୀ ମାନଙ୍କ ଲାଗି ଦାନ ଦକ୍ଷିଣା କରୁଥିଲେ । ତାଙ୍କର ଅଭିଭାବକ ସମ୍ମାନୀୟ ମିର୍ଜା ଫଜଲ୍ କରିମ୍ ସାହେବ୍ ଓ ସୁଗ୍‌ରା ବେଗମ୍ ସାହିବା ଇସ୍‌ଲାମ୍ ଓ ଅହେମଦୀୟତ୍ ପ୍ରେମୀଙ୍କ ମଧ୍ୟରୁ ଜଣେ ଥିଲେ ସେ ସମ୍ମାନୀୟ ମିର୍ଜା ମୁଜିବ୍ ଅହେମଦ୍ ସାହେବ୍ ଓ ମିର୍ଜା ଅଫ୍‌ଜଲୁର୍ ରହ୍‌ମାନ୍ ସାହେବ ଇଷ୍ଟ ଲଣ୍ଡନଙ୍କର ବଡ଼ ଭଉଣୀ ଥିଲେ । ମୁବାରକ୍ ଖୋଖର୍ ସାହେବ୍ ଅଫ୍ ଲାହୋର୍‌ଙ୍କ ବଡ଼ ଭାଉଜ ଥିଲେ । ମୁବାରକ୍ ସିଦ୍ଦିକ୍ ସାହେବଙ୍କର ବଡ଼ ମାଉସି ଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତା ମୁସି ଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ପୁତ୍ର ସମ୍ମାନୀୟ ଇକ୍‌ବାଲ୍ ଖୋଖର୍ ସାହେବ ଓ ତିନିଜଣ ପୁତ୍ରୀ, ତୟବା କୁରେଶି, ତାହେରା ମାଜିଦ୍ ଓ ସମିନା ଖୋଖର୍ ରହିଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ଆତ୍ମାଙ୍କୁ ସଦ୍‌ଗତି ପ୍ରଦାନ କରନ୍ତୁ ବୈକୁଣ୍ଠରେ ତାଙ୍କ ସ୍ତର ଉନ୍ନିତ କରନ୍ତୁ । ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ନିଜ ମାତାଙ୍କ ପୂଣ୍ୟବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍...

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଜିବ୍ରାଇଲ୍ ଆ:ସ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅଲୀ ର:ଅଙ୍କର ପ୍ରଶଂସା କଲେ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଅଲୀ ମୋଠାରୁ ଓ ମୁଁ ଅଲୀଙ୍କଠାରୁ । ଏହା ଶୁଣି ଜିବ୍ରାଇଲ୍ ଆ:ସ କହିଲେ ମୁଁ ହେଉଛି ଆପଣ ଦୁଇଜଣଙ୍କଠାରୁ ।

**ହଜୁର ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ଏବଂ କ୍ୱାଇଁ ଅବୁ ତୁରାବ୍ ହଜ୍‌ରତ୍ ଅଲୀ ଅଲ୍‌ମୁର୍‌ତଜା ର:ଅଙ୍କ ସୁଗୁଣାବଳୀର ଚର୍ଚ୍ଚା ।**

ରସୁଲୁଲ୍ଲାଃ ସ:ଆ:ସ..... ଏ ଘୋଷଣା କଲେ ଯେ ମୁଁ ଇସ୍‌ଲାମ୍‌ର କଳାରଙ୍ଗର ଧ୍ୱଜାକୁ ଆଜି ମୁଁ ସେହି ବ୍ୟକ୍ତିର ହାତରେ ଟେକିଦେବି ଯାହାଙ୍କୁ ଖୁଦା ଏବଂ ତାହାଙ୍କ ରସୁଲ୍ ଓ ମୁସଲମାନ ପ୍ରେମ କରୁଛନ୍ତି ।

ଖୁଦାତାଲା ସେହି ଦୂର୍ଗର ବିଜୟ ତାହାଙ୍କ ହାତରେ ଧାର୍ଯ୍ୟ କରିଛନ୍ତି । ତା'ପରେ ଦ୍ୱିତୀୟ ଦିନ ସକାଳେ ମହାଭାଗ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଡ଼ାକି ତାଙ୍କ ହାତରେ ଧ୍ୱଜା ଧରାଇ ଦେଲେ । ସେ ସାହାବାମାନଙ୍କର ସୈନ୍ୟଦଳକୁ ସାଥିରେ ଧରି ଦୂର୍ଗ ଉପରେ ଆକ୍ରମଣ କଲେ । ଇହୁଦୀମାନେ ଦୂର୍ଗ ଭିତରେ ଦୁର୍ଗକୁ ବନ୍ଦ କରି ରହିବା ସତ୍ୱେ ମଧ୍ୟ ଅଲ୍ଲାଃ ତାଲା ହଜ୍‌ରତ୍ ଅଲୀ ର:ଅ ଏବଂ ଅନ୍ୟ ସାହାବାମାନଙ୍କୁ ସେହି ଦିନ ଏପରି ଶକ୍ତି ପ୍ରଦାନ କଲେ ଯେ ସଂନ୍ଧ୍ୟା ପୂର୍ବରୁ ଦୁର୍ଗକୁ ଜିଣିନିଆଗଲା ।

ରଜବ୍ ମାସ ୯ ହିଜ୍‌ରୀରେ ଅନୁଷ୍ଠିତ ହୋଇଥିବା ତବୁକ୍ ଯୁଦ୍ଧ ଅବସରରେ ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ମଦିନାରେ ନିଜର କାଏମ୍ ମୁକାମ୍ (ଉତରାଧିକାରୀ) ନିଯୁକ୍ତ କଲେ ।

ରଶିଦ୍ ଅହ୍‌ମଦ୍ ସାହେବ୍ ସୁପୁତ୍ର ମୁହମ୍ମଦ୍ ଅବ୍‌ଦୁଲ୍ଲାଃ ସାହେବ୍ ରବୁଓ୍ୱା ନିବାସୀଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ

ଅଲ୍‌ଜଜାଇର୍ ଏବଂ ପାକିସ୍ତାନ୍‌ରେ ଅହେମଦୀମାନଙ୍କ ଉପରେ ଭିଷଣ ନିର୍ଯ୍ୟାତନା ଓ ବିରୋଧ ହେଉଥିବା ଯୋଗୁଁ ବିଶେଷ ଦୁଆ (ପ୍ରାର୍ଥନା)କରିବାକୁ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୧ ଡ଼ିସେମ୍ବର ୨୦୨୦ ଅନୁଯାୟୀ ୧୧ ଫତହ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରେ ହଜ୍‌ରତ୍ ଅଲୀ ର:ଅଙ୍କ ଚର୍ଚ୍ଚା ଚାଲିଥିଲା । ଆଜି ମଧ୍ୟ ତାହା ଜାରି ରହିବ ଏବଂ ଆସନ୍ତା କିଛି ଖୁତ୍‌ବାରେ ମଧ୍ୟ ତାଙ୍କରି ଚର୍ଚ୍ଚା ହେବ ଇନ୍‌ଶାଅଲ୍ଲାଃ ତାଲା ।

ଓ୍ୱହଦ୍ ଯୁଦ୍ଧ ସମୟରେ ଯେତେବେଳେ ଇବ୍‌ନେ କିମିଆ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଉମୈର୍ ର:ଅଙ୍କୁ ଶହୀଦ କଲା ସେତେବେଳେ ସେ ମଣିଲା ଯେ ସେ ହଜୁର ସ:ଆ:ସଙ୍କୁ ଶହୀଦ କରିଦେଇଛି । ସୁତରାଂ ସେ କୁରୈଶ୍ ଆଡ଼କୁ ଫେରି ଚିତ୍କାର କରି କହିଲା ମୁଁ ମୁହମ୍ମଦ ସ:ଆ:ସଙ୍କୁ ହତ୍ୟା କରିଦେଇଛି । ହଜ୍‌ରତ୍ ମୁସ୍‌ଅବ୍ ର:ଅଙ୍କ ଶହୀଦ ହେବାପରେ ହଜୁର ସ:ଆ:ସ ଇସ୍‌ଲାମ୍‌ର ଧ୍ୱଜା ହଜ୍‌ରତ୍ ଅଲୀ ର:ଅଙ୍କ ଅଧିନସ୍ଥ କରିଥିଲେ ଯିଏ ଅନ୍ୟ ସାହାବାଙ୍କ ସହିତ ମିଶି ଯୁଦ୍ଧ ଲଢୁଥିଲେ । ***(ସିରତୁନ୍ ନବଓ୍ୱିୟା, ପୃ-୫୨୯..... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ୨୦୦୧)***

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ଓ୍ୱହଦ୍ ଯୁଦ୍ଧ ଅବସରରେ ଅବିଶ୍ୱାସକାରୀଙ୍କର ଧ୍ୱଜାଧାରୀ ତଲ୍‌ହା ବିନ୍ ଅବୁ ତଲ୍‌ହା ହଜ୍‌ରତ୍ ଅଲୀ ର:ଅଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ ଦେଲା । ହଜ୍‌ରତ୍ ଅଲୀ ର:ଅ ଆଗକୁ ବଢ଼ି ଏପରି ଆକ୍ରମଣ କଲେ କି ସେ ଭୁମିଷ୍ଠ ହୋଇ ଛଟପଟ ହେବାକୁ ଲାଗିଲା । ହଜ୍‌ରତ୍ ଅଲୀ ର:ଅ ଗୋଟିଏ ପରେ ଗୋଟିଏ ଅବିଶ୍ୱାସକାରୀଙ୍କର ସ୍କନ୍ଧଚ୍ୟୁତ କଲେ ଏବଂ ସେମାନଙ୍କୁ ବିକ୍ଷିପ୍ତ କରିଦେଲେ । ହଜ୍‌ରତ୍ ଅଲୀ ର:ଅ ଶୋବା ବିନ୍ ମାଲିକ୍‌କୁ ଯେତେବେଳେ ବଦ୍ଧ କଲେ ସେତେବେଳେ ଜିବ୍ରିଲ୍ ଆ:ସ କହିଲେ ହେ ଅଲ୍ଲାଃଙ୍କ ରସୁଲ୍! ନିଃସନ୍ଦେହ ଅଲ୍ଲାଃ ହଜ୍‌ରତ୍ ଅଲୀ ର:ଅଙ୍କୁ ତାଙ୍କ ସ୍ୱଭାବରେ ସହାନୁଭୁତି ରଖିଦେଇଛନ୍ତି । ପ୍ରତ୍ୟୁଉତରରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ହଁ ହଜ୍‌ରତ୍ ଅଲୀ ର:ଅ ମୋ ସହିତ ସଂପର୍କିତ ଏବଂ ମୁଁ ହଜ୍‌ରତ୍ ଅଲୀ ର:ଅ ସହିତ ସଂପର୍କିତ । ଜିବ୍ରାଇଲ୍ ଆ:ସ କହିଲେ ମୁଁ ଆପଣ ଦୁହିଁଙ୍କ ମଧ୍ୟରୁ ଜଣେ ଅଟେ । ***(ଶରହ୍ ଅଲ୍ଲାମା ଜର୍‌କାନି..... ଖଣ୍ଡ-୨, ପୃ-୪୦୯..... ବେରୁତ ୧୯୯୬) (ତାରିଖୁଲ୍ ତିବିରି, ଖଣ୍ଡ-୩, ପୃ-୬୮.... ବେରୁତ ୨୦୦୨)***

ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରନ୍ତି, ଓ୍ୱହଦ୍ ଯୁଦ୍ଧରେ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରୁ ଲୋକମାନେ ହଟିଗଲେ, ପାଖେଇ ଗଲେ ସେତେବେଳେ ମୁଁ ଶୋହଦାମାନଙ୍କର ଶବ ମଧ୍ୟରେ ହଜୁର ସ:ଆ:ସଙ୍କୁ ଖୋଜିବାକୁ ଆରମ୍ଭ କଲି । ତେବେ ମୁଁ ହଜୁର ସ:ଆ:ସଙ୍କୁ ପାଇଲି ନାହିଁ ସେତେବେଳେ ମୁଁ କହିଲି କି ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ନା ହଜୁର ସ:ଆ:ସ ପଳାୟନ କରିଛନ୍ତି ନା ହିଁ ମୁଁ ହଜୁର ସ:ଆ:ସଙ୍କୁ ଶହୀଦମାନଙ୍କ ମଧ୍ୟରେ ପାଇଲି । କିନ୍ତୁ ଅଲ୍ଲାଃ ତାଲା ଆମ ଉପରେ ବିରକ୍ତିଭାବ ପ୍ରକାଶ କଲେ ଏବଂ ସେ ଆମ ନବୀଙ୍କୁ ଏହି ସଂସାରରୁ ଉଠାଇ ନେଲେ ଅତଏବ ବର୍ତମାନ ମୋ ପାଇଁ ଏହା ଉଚିତ ହେବ କି ମୁଁ ଲଢ଼ିବି ଏପର୍ଯ୍ୟନ୍ତ କି ମତେ ନିହତ କରିଦିଆଯାଉ ଏହାପରେ ମୁଁ ନିଜ ଖଡ୍‌ଗ ଖୋଳ (ମିଆନ୍)ରୁ ଖଡଗ୍ ବାହାର କଲି ଏବଂ ମିଆନ୍‌କୁ ଭାଙ୍ଗିଦେଲି ଏବଂ ଅବିଶ୍ୱାସକାରୀଙ୍କ ଉପରେ ଆକ୍ରମଣ କଲି । ଯଦ୍ୱାରା ସେମାନେ ଏଣେତେଣେ ବିକ୍ଷିପ୍ତ ହୋଇଗଲେ । ଏହାପରେ ମୁଁ ହଜୁର ସ:ଆ:ସଙ୍କୁ ସେମାନଙ୍କ ମଧ୍ୟରେ ଦେଖିବାକୁ ପାଇଲି ଯେ ହଜୁର ସ:ଆ:ସ ସେମାନଙ୍କ ମଧ୍ୟରେ ବିରାଜମାନ ଥିଲେ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୯୪.......... ବେରୁତ ୨୦୦୩)***

ଏପରି ପ୍ରେମ ଓ ନିଷ୍ଠାର ସେହି କାହାଣୀ ଯାହା ବାଲ୍ୟକାଳରୁ ଆରମ୍ଭ ହୋଇଥିଲା ଓ ପ୍ରତ୍ୟେକ ଅବସରରେ ନିଜର ସ୍ୱଷ୍ଟ ନିର୍ଦ୍ଦେଶନ ପରିପ୍ରକାଶ କରୁଥିଲା । ହଜ୍‌ରତ୍ ସହଲ୍ ବିନ୍ ସାଆଦ୍ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କୁ ଓ୍ୱହଦ୍ ଯୁଦ୍ଧ ଅବସରରେ ଯେଉଁ ଆଘାତ ଲାଗିଥିଲା ଉକ୍ତ ଆଘାତକୁ ହଜ୍‌ରତ୍ ଫାତିମା ର:ଅ ଧୋଇଥିଲେ ଏବଂ ହଜ୍‌ରତ୍ ଅଲୀ ର:ଅ ଢ଼ାଲରୁ ପାଣି ଢ଼ାଳୁଥିଲେ । ଯେତେବେଳେ ହଜ୍‌ରତ୍ ଫାତିମା ଦେଖିଲେ ଯେ ଜଳଦ୍ୱାରା ରକ୍ତସ୍ରାବ ହେବା ବନ୍ଦ ହେଉନାହିଁ ସେତେବେଳେ ସେ ଏକ ବସ୍ତ୍ରାର ଟୁକୁଡ଼ା ଜଳାଇ ଉକ୍ତ କ୍ଷତ ସ୍ଥାନରେ ଲଗାଇଦେଇଥିଲେ ଯଦ୍ୱାରା ରକ୍ତକ୍ଷରିତ ହେବା ବନ୍ଦ ହୋଇଯାଇଥିଲା । ସେଦିନ ଆପଣଙ୍କ ସମ୍ମୁଖର ଦୁଇ ଦାନ୍ତ ଭାଙ୍ଗି ଯାଇଥିଲା ଏବଂ ଆପଣଙ୍କ ମୁଖମଣ୍ଡଳ ମଧ୍ୟ କ୍ଷତାକ୍ତ ହୋଇଥିଲା ।

***(ସହି ବୁଖାରୀ..... ହଦିସ୍ ନଂ-୪୦୭୫)***

ହଜ୍‌ରତ୍ ସଇଦ୍ ବିନ୍ ମୁସ୍‌ଅବ୍ ବର୍ଣ୍ଣନା କରନ୍ତି ଓ୍ୱହଦ୍ ଯୁଦ୍ଧରେ ହଜ୍‌ରତ୍ ଅଲୀ ର:ଅଙ୍କ ଶରୀରରେ ଶୋହଳଗୋଟି ସ୍ଥାନରେ ଆଘାତ ଲାଗିଥିଲା ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୯୩....... ବେରୁତ ୨୦୦୩)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଆପଣଙ୍କ ସମସ୍ୟାଘେର ମଧ୍ୟରେ ଆପଣଙ୍କ ପାଇଁ ବର୍‌କତ୍‌ର ଅମୁଲ୍ୟ ସମ୍ପଦ ଲୁଚି ରହିଥିଲା ଅତଏବ ହଜ୍‌ରତ୍ ଅଲୀ ଓ୍ୱହଦ୍‌ରୁ ଫେରି ହଜ୍‌ରତ୍ ଫାତିମାଙ୍କୁ ନିଜ ଖଡ୍‌ଗ ଦେଲେ ଏବଂ କହିଲେ ଏହାକୁ ଧୋଇ ଦିଅ ଆଜି ଏହା ବେଶ୍ କାମରେ ଆସିଲା । ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କ ଏକଥା ଶୁଣୁଥିଲେ ଆପଣ କହିଲେ ହେ ଅଲୀ! କେବଳ ତୁମ ଖଡ୍‌ଗ କାମ କଲାନାହିଁ ବରଂ ତୁମର ବହୁତ ଭାଇ ଅଛନ୍ତି, ସେମାନଙ୍କର ତରବାରୀ ମଧ୍ୟ ଆଜି ନିଜ ନିଜର କୌଶଳ ଦେଖାଇଛନ୍ତି । ଆପଣ ଛଅ ସାତଜଣ

ସାହାବାଙ୍କ ନାମ ନେଲେ ଯାହାଙ୍କ ତରବାରୀ ଆଜି ତୁମ ତରବାରୀଠାରୁ କିଛି କମ ନଥିଲା । ଏହି ସମସ୍ୟାଗୁଡ଼ିକୁ ସମ୍ମୁଖିନ ହୋଇ ଶେଷରେ ବିଜୟ ମିଳିଛି ।

ଖନ୍ଦକ ଯୁଦ୍ଧ ସୱାଲ୍ ମାସ ପାଂଚ ହିଜ୍‌ରୀରେ ଘଟିଥିଲା । ସେହି ଅବସରରେ ଅମାନ୍ୟକାରୀମାନେ ଯେତେବେଳେ ମଦିନାର ଘେରାଉ କରିଥିଲେ ସେତେବେଳେ କୁଫାରଙ୍କ ସମସ୍ତ ବଡ଼ ବଡ଼ ଓ ବୁଦ୍ଧିମାନ ଲୋକମାନେ ସହମତି ପ୍ରକାଶ କରିଥିଲେ ଯେ ମିଳିମିଶି ଆକ୍ରମଣ କରିବା ଓ ସେମାନେ ଶୁଡ଼ଙ୍ଗରେ ଏଭଳି ଏକ ସଂକୀର୍ଣ୍ଣ ମାର୍ଗ ଖୋଜୁଥିଲେ ଯାହା ମଧ୍ୟ ଦେଇ ସେମାନେ ନିଜର ଅଶ୍ୱାରୋହୀଙ୍କୁ ହଜୁର ସ:ଆ:ସ ଓ ଆପଣଙ୍କ ସାହାବାଙ୍କ ନିକଟରେ ପହଂଚାଇ ଦେଇପାରିବେ କିନ୍ତୁ ସେମାନଙ୍କୁ କୌଣସି ମାର୍ଗ ମିଳିନଥିଲା । ସେମାନେ କହିଲେ, ଏହା ଅର୍ଥାତ ଶୁଡ଼ଙ୍ଗ ଏଭଳି ଯୋଜନା ଯାହାକି ଆରବରେ ଆଜି ପର୍ଯ୍ୟନ୍ତ କେହି କାର୍ଯ୍ୟକାରି କରିନଥିଲେ । ସେମାନଙ୍କୁ କୁହାଗଲା ଯେ, ହଜୁର ସ:ଆ:ସଙ୍କର ଜଣେ ନିଷ୍ପାପର ଫାର୍ସୀ ସାଥି ତାଙ୍କୁ ଏପରି ପ୍ରସ୍ତାବ ଦେଇଥିଲେ ଅର୍ଥାତ ଶୁଡ଼ଙ୍ଗ ଖୋଳିବାର ଏବଂ ତାଙ୍କ ବିଧିବଦ୍ଧ ଯୋଜନା ଯୋଗୁଁ ଏହା ସମ୍ଭବ ହୋଇଛି । ସେମାନେ ଏପରି ଏକ ସଂକୀର୍ଣ୍ଣ ସ୍ଥାନରେ ଯାଇ ପହଂଚିଥିଲେ ଯାହା ସଂକ୍ରାନ୍ତରେ ମୁସଲମାନମାନେ ଅଜ୍ଞାତ ଥିଲେ । ଅକ୍‌ରମା ବିନ୍ ଅବୁଜୈହଲ୍, ନୌଫିଲ୍ ବିନ୍ ଅବ୍‌ଦୁଲ୍ଲାଃ, ଜୁରାର ବିନ୍ ଖିତାବ୍, ହବୈରା ବିନ୍ ଅବୁ ୱହବ୍ ଓ ଉମ୍ରୋ ବିନ୍ ଅବ୍‌ଦୁଦ୍ ସେହି ସ୍ଥଳରୁ ଶୁଡ଼ଙ୍ଗକୁ ପାର କଲେ । ଉମ୍ରୋ ବିନ୍ ଅବ୍‌ଦୁଦ୍ ମୁକାବିଲା କରିବାକୁ ଆମନ୍ତ୍ରିତ କରି ଏହା କହିଥିଲା ୱଲକଦ୍ ବହିତୁ ମିନନ୍ ନିଦାଇ ଲିଯମ୍‌ଇ ହିମ୍ ହଲ୍ ମିନ୍ ମୁବାରିଜ୍ ଅର୍ଥାତ ତାଙ୍କ ଗୋଷ୍ଠୀକୁ ଡ଼ାକି ଡ଼ାକି ମୋ ଗଳା ବସିଗଲାଣି କି କେହି ଅଛ ଯିଏ ମୋ ସହିତ ମୁକାବିଲା କରିବା ପାଇଁ ଆସିବ । ଏହାର ଉତରରେ ହଜ୍‌ରତ୍ ଅଲୀ ର:ଅ କହିଲେ ତୁମେ କଦାପି ଶିଘ୍ରତା କରନାହିଁ ତୁମର କଥାର ଉତର ଦେବାପାଇଁ ମୁଁ ତୁମ ନିକଟରେ ଉପସ୍ଥିତ ରହିଛି ଯିଏ ଅସହାୟତା ଓ ଦୁର୍ବଳତା ପ୍ରଦର୍ଶନକାରୀ ନୁହେଁ । ବଳିଷ୍ଠ ଉଦ୍ଦେଶ୍ୟ ଓ ଦୁରଦୃଷ୍ଟିର ସହିତ ରଣକ୍ଷେତ୍ରରେ ଅଟଳ ଓ ଅବିଚଳ ରହିବାପାଇଁ ସଫଳତା ପ୍ରାପ୍ତ କରିବାର ରହସ୍ୟ ଓ ମୁକ୍ତିର ଚାବିକାଠି ମୁଁ ଦୃଢ଼ ବିଶ୍ୱାସ ରଖୁଛି ଯେ ମୁଁ ତୁମ ଉପରେ ରୋଦନକାରୀ ଏକତ୍ରିତ କରିଦେବି । ଅର୍ଥାତ ତୁମକୁ ନିହତ କରିବି ଏବଂ ତୁମକୁ ଏଭଳି ବଡ଼ ଆଘାତ ଦେବି ଯେ ଯାହାର ଚର୍ଚ୍ଚା ଯୁଦ୍ଧରେ ବାକି ରହିଯିବ ।

ଯେତେବେଳେ ତାହାର ମୁକାବିଲା ନିମନ୍ତେ ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କୁ ଅନୁମତି ମାଗିଲେ ସେତେବେଳେ ହଜୁର ନିଜର ତରବାରୀ ତାଙ୍କୁ ପ୍ରଦାନ କରି ତାଙ୍କ ପଗଡ଼ି ବାନ୍ଧିଲେ ଏବଂ ଦୁଆ କଲେ କି ହେ ପ୍ରଭୁ ଉମ୍ରୋ ବିନ୍ ଅବଦେ ଉଦ୍ଦଙ୍କ ବିରୋଧରେ ହଜ୍‌ରତ୍ ଅଲୀ ର:ଅଙ୍କୁ ସାହାଯ୍ୟ କର । ହଜ୍‌ରତ୍ ଅଲୀ ର:ଅ ତାହାର ମୁକାବିଲା କରିବାକୁ ବାହାରିଲେ ଏବଂ ଦୁହେଁ ପରସ୍ପରର ନିକଟତର ହେଲେ ହଜ୍‌ରତ୍ ଅଲୀ ର:ଅ ତାହାକୁ ନୀହତ କରି ଅଲ୍ଲାହୁ ଅକ୍‌ବର୍‌ର ସ୍ୱର ଉଚ୍ଚାରଣ କଲେ ଯଦ୍ୱାରା ଆମେ ଜାଣିନେଲୁ ଯେ ହଜ୍‌ରତ୍ ଅଲୀ ର:ଅ ତାହାକୁ ହତ୍ୟା କରିଦେଇଛନ୍ତି । ତାହାର ସାଥିମାନେ ପଶ୍ଚାତପଦ ଦେଇ ପଳାୟନ କଲେ ଏବଂ ଅଶ୍ୱ ଉପରେ ଅରୋହଣ କରିଥିବା ଯୋଗୁଁ ନିଜ ଜୀବନ ରକ୍ଷା କରିବାରେ ସେମାନେ ସଫଳ ହୋଇଗଲେ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍...... ପୃ-୫୭୩)***

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୨୮୩........ ବେରୁତ ୧୯୯୬)***

***(ଅଲ୍‌ବଦାୟା..... ଖଣ୍ଡ-୨, ଭାଗ-୪, ପୃ-୧୧୫.... ବେରୁତ ଲେବ୍‌ନାନ୍ ୨୦୦୧)***

ଏହାର ଅଧିକ ବ୍ୟାଖ୍ୟା କରି ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍.ଏ ଉଲ୍ଲେଖ କରନ୍ତି ଉମ୍ରୋ ଜଣେ ବିଖ୍ୟାତ ଖଡ଼୍‌ଗ ଉତଳନକାରୀ ଥିଲା ଓ ନିଜର ସାହାସିକତା ଯୋଗୁଁ ଏକୁଟିଆ ଏକହଜାର ସିପାହୀଙ୍କ ସଙ୍ଗେ ସମାନ ଥିଲା । ସେ ରଣଭୂମିରେ ଅବତୀର୍ଣ୍ଣ ହେବା କ୍ଷଣି ଅହଙ୍କାରୀ ଢ଼ଙ୍ଗୀରେ ଲଢ଼ିବାକୁ ଇଚ୍ଛା ବ୍ୟକ୍ତ କରିଥିଲା । ହଜୁର ସ:ଆ:ସଙ୍କ ଅନୁମତି କ୍ରମେ ହଜ୍‌ରତ୍ ଅଲୀ ର:ଅ ତା ବିପକ୍ଷରେ ଲଢ଼ିବାପାଇଁ ବାହାରିଲେ ହଜୁର ସ:ଆ:ସ ନିଜର ତରବାରୀ ହଜ୍‌ରତ୍ ଅଲୀ ର:ଅଙ୍କୁ ପ୍ରଦାନ କରିଥିଲେ ଏବଂ ତାଙ୍କ ଲାଗି ଦୁଆ କରିଥିଲେ । ହଜ୍‌ରତ୍ ଅଲୀ ର:ଅ ଆଗକୁ ବଢ଼ି ଉମ୍ରୋକୁ କହିଲେ, ମୁଁ ଶୁଣୁଛି ଯେ, ତୁମେ ଏହି ପଣ ନେଇଛ କି ଯଦି କୁରୈଶ୍‌ମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ତୁମକୁ ଦୁଇଟି କଥା ପାଇଁ ଅନୁରୋଧ କରିବ ତେବେ ତୁମେ ସେହି ଦୁଇଟି କଥା ମଧ୍ୟରୁ ଗୋଟିଏ କଥାକୁ ଅବଶ୍ୟ ଗ୍ରହଣ କରିନେବ । ଉମ୍ରୋ କହିଲା ହଁ ତୁମେ ଠିକ୍ ଶୁଣିଛ । ହଜ୍‌ରତ୍ ଅଲୀ ର:ଅ କହିଲେ ମୁଁ ତାହେଲେ ତୁମକୁ ପ୍ରଥମ କଥାଟି କହୁଛି ଯେ ତୁମେ ମୁସଲମାନ ହୋଇଯାଅ ଯଦ୍ୱାରା ତୁମେ ହଜୁର ସ:ଆ:ସଙ୍କୁ ସ୍ୱୀକାର କରି ଅଲ୍ଲାଃ ତାଲାଙ୍କ ପୁରସ୍କାରର ଅଧିକାରୀ ହୋଇଯିବ । ଉମ୍ରୋ କହିଲା ଏହା ହୋଇପାରିବ ନାହିଁ । ହଜ୍‌ରତ୍ ଅଲୀ ର:ଅ କହିଲେ ଯଦି ଏହି କଥା ସ୍ୱୀକାର ନାହିଁ ତାହେଲେ ଆସ ମୋ ସହିତ ଲଢ଼ିବାକୁ ପ୍ରସ୍ତୁତ ହୋଇଯାଅ ଏହା ଶୁଣି ଉମ୍ରୋ ଅଟ୍ଟହାସ୍ୟ ପ୍ରକାଶ କଲା ଏବଂ କହିଲା ମୁଁ ଭାବୁଛି ଯେ ମୋତେ କୌଣସି ବ୍ୟକ୍ତି ଏଭଳି କଥା କହିବାକୁ ଦୁଃସାହାସ କରିବନାହିଁ ଏହାପରେ ସେ ମତେ କହିଲା କି ତୁମେ ବର୍ତମାନ ଛୋଟ ବାଳକ ମୁଁ ତୁମର ରକ୍ତପାତ କରିବାକୁ ଚାହୁଁନାହିଁ । ନିଜର ବୀର ଯୋଦ୍ଧାଙ୍କ ମଧ୍ୟରୁ କାହାକୁ ପଠାଅ । ହଜ୍‌ରତ୍ ଅଲୀ ର:ଅ ପ୍ରତି ଉତରରେ କହିଲେ ତୁମେ ମୋର ରକ୍ତ ବୁହାଇବାକୁ ସଙ୍କୋଚ ମଣୁଛ କିନ୍ତୁ ମୁଁ ତୁମର ରକ୍ତପାତ କରିବାକୁ କଦାପି ସଙ୍କୋଚ ପ୍ରକାଶ କରିବିନାହିଁ । ଏହା ଶୁଣି ଉମ୍ରୋ ଉତେଜିତ ହୋଇ ପ୍ରତିଶୋଧ ପରାୟଣ ହୋଇ ନିଜ ଅଶ୍ୱରୁ ଲମ୍ଫ ପ୍ରଦାନ କଲା ଏବଂ ଅଗ୍ନୀର ଏକ ଜ୍ୱାଳା ପରି ପାଗଳ ହୋଇ ହଜ୍‌ରତ୍ ଅଲୀ ର:ଅ ଆଡ଼କୁ ଅଗ୍ରସର ହେଲା ଏବଂ ଏତେ ଜୋର୍‌ରେ ହଜ୍‌ରତ୍ ଅଲୀ ର:ଅଙ୍କ ଉପରେ ତରବାରୀ ଦ୍ୱାରା ପ୍ରହାର କଲା ଯଦ୍ୱାରା ତରବାରୀ ତାଙ୍କର ଢ଼ାଲକୁ ବିଦିର୍ଣ୍ଣ କରି ତାଙ୍କର କପାଳକୁ କ୍ଷତାକ୍ତ କରିଥିଲା । କିନ୍ତୁ ଏଥିସହିତ ହଜ୍‌ରତ୍ ଅଲୀ ର:ଅ ଅଲ୍ଲାଃହୁ ଅକ୍‌ବର୍‌ର ସ୍ୱର ଉଚ୍ଚାରଣ କରି ଏଭଳି ଆକ୍ରମଣ କଲେ କି ସେ ନିଜକୁ ରକ୍ଷା କରିପାରିନଥିଲା ଏବଂ ହଜ୍‌ରତ୍ ଅଲୀ ର:ଅ ଙ୍କ ତରବାରୀ ତାହାର କାନ୍ଧକୁ କାଟି ତଳକୁ ଓହ୍ଲାଇ ଆସିଥିଲା ଏବଂ ଉମ୍ରୋ ସେହି ସ୍ଥଳେ ଛଟପଟ ହୋଇ ତଳେ ପଡ଼ିଯାଇଥିଲେ ଏବଂ ସେହିଠାରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍.......... ପୃ-୫୮୮-୫୮୯)***

ଉମ୍ରୋ ବିନ୍ ଅବ୍‌ଦେ ଉଦ୍ଦ ର ମୃତ୍ୟୁପରେ ଅମାନ୍ୟକାରୀମାନେ ହଜୁର ସ:ଆ:ସଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ କି ସେମାନେ ତାହାର ମରଶରୀର ଦଶହଜାର ଦିନାର୍‌ରେ ଖରିଦ୍ କରିବାପାଇଁ ପ୍ରସ୍ତୁତ ଅଛନ୍ତି । ଏଥିଉତାରେ ହଜୁର ସ:ଆ:ସ କହିଲେ ଏହାକୁ ନେଇଯାଅ ଅର୍ଥାତ ଏହି ମରଶରୀରକୁ ନେଇଯାଅ ଆମେ ମରଶରୀରର ମୂଲ୍ୟ ନେଇନଥାଉ ।

***(ଅଲ୍‌ବଦାୟତୁଲ୍ ନହାୟା, ଖଣ୍ଡ-୨, ଭାଗ-୪, ପୃ-୧୧୬.... ବେରୁତ ୨୦୦୧)***

ହଜ୍‌ରତ୍ ବରା ବିନ୍ ଆଜିବ୍ ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ:ଆ:ସ ହୁଦୈବିୟା ବାସୀଙ୍କ ସହ ସନ୍ଧି କଲେ ଏବଂ ତାଙ୍କ ସହ ସୁଲାହନାମା ଲେଖିବାପାଇଁ ହଜ୍‌ରତ୍ ଅଲୀ ର:ଅଙ୍କୁ ନିଯୁକ୍ତ କଲେ ସେତେବେଳେ ହଜ୍‌ରତ୍ ଅଲୀ ର:ଅ ଉକ୍ତ ସୁଲାହନାମାରେ ଲେଖିଲେ ଏହି ଚୁକ୍ତିଟି ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଓ ତାଙ୍କର ସାଥିମାନଙ୍କ ସହିତ ଏବଂ ମକ୍କାବାସୀଙ୍କ ମଧ୍ୟରେ ଲିଖିତ ହେଉଅଛି । ଏହା ଶୁଣି ଅବିଶ୍ୱାସକାରୀମାନେ ଉଦ୍‌ବେଗ ପ୍ରକାଶ କଲେ ଏବଂ ସେମାନେ କହିଲେ ଆମେମାନେ ଉଲ୍ଲେଖିତ ଶବ୍ଦକୁ ସହ୍ୟ କରିପାରିବୁନାହିଁ । କାରଣ ଆମେ ମୁହମ୍ମଦ ସ:ଆ:ସଙ୍କୁ ରସୁଲ୍ ବୋଲି ସ୍ୱୀକାର କରୁନାହୁଁ । ଯଦି ଆମେମାନେ ତାଙ୍କୁ ସ୍ୱୀକାର କରୁଥାନ୍ତୁ ଅର୍ଥାତ ରସୁଲ୍ ମଣୁଥାନ୍ତୁ ତାହେଲେ ଯୁଦ୍ଧର ସୁତ୍ରପାତ ହିଁ କାହିଁକି ହୋଇଥାନ୍ତା । ରସୁଲେ କରିମ୍ ସ:ଆ:ସ କହିଲେ ଏମାନେ ଠିକ୍ କହୁଛନ୍ତି ଚୁକ୍ତି ମଧ୍ୟରୁ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଶବ୍ଦକୁ କାଟି ଦିଆଯାଉ । ଅତଏବ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ ଉକ୍ତ ଶବ୍ଦକୁ କାଟିଦିଅ କିନ୍ତୁ ହଜ୍‌ରତ୍ ଅଲୀ ର:ଅ ଯିଏ ଆଜ୍ଞାନୁବର୍ତିତା ଓ ଆଜ୍ଞାବହତାର ସର୍ବୋଚ୍ଚ ସ୍ତରରେ ବିରାଜମାନ ଥିଲେ ଏବଂ ଏକ ଉଦାହରଣ ଥିଲେ ତାଙ୍କର ହୃଦୟ ମଧ୍ୟ ଏକଥା ଶୁଣି ପ୍ରକମ୍ପିତ ହୋଇଗଲା । ଆଖିରୁ ଲୁହ ଝରି ପଡ଼ିଲା ସେ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ଏହି ଶବ୍ଦଟିକୁ ଲିଭାଇ ପାରିବି ନାହିଁ ସୁତରାଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଲେ ଆଣ ମତେ କାଗଜଟି ଦିଅ ଅତଏବ ହଜୁର ସ:ଆ:ସ ସ୍ୱହସ୍ତରେ ରସୁଲୁଲ୍ଲାଃ ଶବ୍ଦଟି କାଟିଦେଲେ । ତାଙ୍କ ସହ ଏହି ସର୍ତରେ ସନ୍ଧି କଲେ କି ଆପଣ ସ:ଆ:ସ ଓ ଆପଣଙ୍କ ସାଥିମାନେ ତନିଦିନ ମକ୍କାରେ ଅବସ୍ଥାନ କରିବେ ଏବଂ ନିଜ ଅସ୍ତ୍ରଶସ୍ତ୍ର ଜଲୁବାନ୍‌ରେ ରଖି ପ୍ରବେଶ କରିବେ । ଲୋକେ ପଚାରିଲେ ଜଲୁବାନ୍ କାହାକୁ କୁହନ୍ତି ସେମାନେ ଉତ ଦେଲେ ସେହି ଖୋଳପା ଯେଉଁଥିରେ ତରବାର ମିଆନ୍ ସହିତ ଆବୃତ କରି ରଖାଯାଇଥାଏ । ***(ସହି ବୁଖାରୀ...... ହଦିସ୍ ନଂ- ୨୬୯୮....)***

ଏହି ଘଟଣାକୁ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏପରି ବ୍ୟାଖ୍ୟା କରି ବର୍ଣ୍ଣନା କରିଛନ୍ତି । ଯେତେବେଳେ ହଜୁର ସ:ଆ:ସ ହୁଦୈବିୟା ସ୍ଥଳେ ସନ୍ଧି ନିମନ୍ତେ ବିରାଜମାନ ଥିଲେ ଏବଂ ଅମାନ୍ୟକାରୀ ସର୍ତ ରଖୁଥିଲେ, ସେତେବେଳେ ସାହାବଙ୍କ ହୃଦୟରେ ଅଗ୍ନୀର କୋହ ଉନ୍ମାଦିତ ହୋଇଉଠୁଥିଲା ଏବଂ ସେମାନଙ୍କ ହୃଦୟ ସେହି ଅତ୍ୟାଚାରର ଉତାପରେ ଜଳୁଥିଲା ଯାହା କି ଅମାନ୍ୟକାରୀମାନେ ଦୀର୍ଘ ୨୦ ବର୍ଷ ହେଲା ସେମାନଙ୍କ ଉପରେ କରିଆସିଥିଲେ । ସେମାନଙ୍କ ତରବାରୀ ମିଆନ୍‌ରୁ ବାହାରି ଆସୁଥିଲା ସେମାନେ ଗୋଟିଏ ଅବସର ଖୋଜୁଥିଲେ ଯେ, କୌଣସି ମତେ ସୁଯୋଗଟିଏ ମିଳନ୍ତାକି ଯଦ୍ୱାରା ସେହି ଅତ୍ୟାଚାରୀମାନଙ୍କଠାରୁ ପ୍ରତିଶୋଦ୍ଧ ନେଇପାରିବେ କିନ୍ତୁ ହଜୁର ସ:ଆ:ସ ଅମାନ୍ୟକାରୀଙ୍କ ପ୍ରତ୍ୟେକ କଥା ଶୁଣୁଥିଲେ ଏବଂ ଯେତେବେଳେ ତାଙ୍କ ଆଡ଼କୁ ଏହି ପ୍ରସ୍ତାବ ମିଳୁଥିଲା କି ଆସ ଆମେ ପରସ୍ପର ସହ ସନ୍ଧି କରିନେବା ସେତେବେଳେ ହଜୁର ସ:ଆ:ସ କହିଲେ, ଖୁବ୍ ଭଲ କଥା ଚାଲ ସନ୍ଧି କରିନେବା । ସେମାନେ ପୁନଶ୍ଚ କହିଲେ କିନ୍ତୁ ସର୍ତ ଏହି କି ଯେ, ଚଳିତ ବର୍ଷ ତୁମେ ଉମ୍‌ରା କରିପାରିବନାହିଁ । ଏଥିଉତାରୁ ହଜୁର ସ:ଆ:ସ କହିଲେ ଠିକ୍ ଅଛି ଆମେ ଉମ୍‌ରା କରିବୁନାହୁଁ ପୁଣି ସେମାନେ କହିଲେ ଦ୍ୱିତୀୟବର୍ଷ ଯେତେବେଳେ ଆପଣ ଉମ୍‌ରା କରିବାକୁ ଆସିବେ ସେତେବେଳେ ଆପଣମାନେ ମକ୍କାରେ ତିନିଦିନରୁ ଅଧିକ ସମୟ ଅବସ୍ଥାନ କରିପାରିବେ ନାହିଁ । ହଜୁର ସ:ଆ:ସ କହିଲେ ବେଶ୍ ମତେ ଏହି ସର୍ତ ମଧ୍ୟ ମଞ୍ଜୁର୍ ପୁନଶ୍ଚ ସେମାନେ କହିଲେ, ଆପଣ ଅସ୍ତ୍ରଶସ୍ତ୍ର ନେଇ ମକ୍କାରେ ପ୍ରବେଶ କରିପାରିବେନାହିଁ । ହଜୁର ସ:ଆ:ସ କହିଲେ ଠିକ୍ ଅଛି । ଏହି ସର୍ତମାନ ଯେତେବେଳେ ପ୍ରଣୟନ ହେଉଥିଲା ଏବଂ ସାହାବାଙ୍କ ହୃଦୟ ଆବେଗରେ ବିଦିର୍ଣ୍ଣ ହେଉଥିଲା ଏବଂ କ୍ରୋଧରେ ସେମାନେ ଜର୍ଜରିତ ହେଉଥିଲେ କିନ୍ତୁ କିଛି କରିପାରୁନଥିଲେ । ହଜ୍‌ରତ୍ ଅଲୀ ର:ଅଙ୍କୁ ସନ୍ଧିପତ୍ର ଲେଖିବାପାଇଁ ମୁତୟନ କରାଗଲା ଅତଏବ ସେ ସନ୍ଧିନାମାର ଏକ ପାର୍ଶ୍ୱରେ ଲେଖିଲେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଓ ତାଙ୍କ ସାଥିମାନଙ୍କ ତରଫରୁ ଏବଂ ଅନ୍ୟ ପାର୍ଶ୍ୱରେ ମକ୍କାର ଅମୁକ ଅମୁକ ଧର୍ନାଢ଼୍ୟ ଓ ମକ୍କାବାସୀଙ୍କ ତରଫରୁ ଏ ସନ୍ଧିପତ୍ର ଲେଖାଯାଉଅଛି । ଏଥିରେ ଅମାନ୍ୟକାରୀଗଣ ଉତ୍ୟକ୍ତ ହୋଇଉଠିଲେ ଏବଂ କହିଲେ ଆମେ ମୁହମ୍ମଦଙ୍କୁ ରସୁଲୁଲ୍ଲାଃ ସ୍ୱୀକାର କରୁନାହୁଁ ଯଦି ସ୍ୱୀକାର କରୁଥାନ୍ତୁ ତେବେ ତାଙ୍କ ସହ ଯୁଦ୍ଧ କାହିଁକି କରିଥାନ୍ତୁ । ଆମେ ତ ତାଙ୍କୁ ମୁହମ୍ମଦ ଇବ୍‌ନେ ଅବ୍‌ଦୁଲ୍ଲାଃ ଅର୍ଥାତ ଅବ୍‌ଦୁଲ୍ଲାଃଙ୍କ ପୁତ୍ର ମୁହମ୍ମଦ ବୋଲି ଜାଣି ସନ୍ଧି କରୁଅଛୁ । ସୁତରାଂ ଏହି ଶବ୍ଦ ସନ୍ଧି ପତ୍ରରେ ଲେଖାଯିବା ଉଚିତ ନୁହେଁ । ସେତେବେଳେ ସାହାବାମାନଙ୍କର ଧୈର୍ଯ୍ୟତାର କୌଣସି ସୀମା ରହିଲାନାହିଁ ଏବଂ ସେମାନେ କ୍ରୋଧରେ ପ୍ରକମ୍ପିତ ହୋଇ ଉଠିଲେ ସେମାନେ ଚିନ୍ତା କଲେ ଯେ ପ୍ରଭୁ ଏହା ଏକ ଅବସର ପ୍ରଦାନ କଲେ କି ହଜୁର ସ:ଆ:ସ ସେମାନଙ୍କ କଥାରେ ରାଜି ହେବେ ନାହିଁ ଏବଂ ଆମକୁ ନିଜ ପ୍ରତିଶୋଧ ନେବାର ସୁଯୋଗ ମିଳିଯିବ କିନ୍ତୁ ହଜୁର ସ:ଆ:ସ କହିଲେ ସେମାନେ ଠିକ୍ କହୁଛନ୍ତି, ସନ୍ଧିନାମାରୁ ରସୁଲୁଲ୍ଲାଃର ଶବ୍ଦ କାଟିଦିଅ ଅତଏବ ଆପଣ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ ତାହା କାଟିଦିଅ ହଜ୍‌ରତ୍ ଅଲୀ ଯିଏ ଆଜ୍ଞାକାରିତାର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ଥିଲେ ଏବଂ ଜଣେ ଉଦାହରଣ

ଥିଲେ ସଭିଙ୍କ ପାଇଁ ଏକଥା ଶୁଣି ତାଙ୍କ ହୃଦୟ ଶିହରିତ ହୋଇଉଠିଲା ତାଙ୍କ ଚକ୍ଷୁରୁ ଲୋତକ ଟୋପା ଝରି ପଡ଼ିଲା ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ଏପରି କରିବା ମୋ ପକ୍ଷେ ସମ୍ଭବ ନୁହେଁ ଏଥିରେ ହଜୁର ସ:ଆ:ସ କହିଲେ ଠିକ୍ ଅଛି ମତେ କାଗଜ ଦିଅ ଏବଂ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କଠାରୁ କାଗଜ ନେଇ ସ୍ୱୟମ ଉକ୍ତ ଶବ୍ଦକୁ କାଟିଦେଲେ ।

**(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୨୦, ପୃ-୩୭୯-୩୮୧..... ୮ ସେପ୍ଟେମ୍ବର ୧୯୩୯)**

ଖୈବର ଯୁଦ୍ଧ ଅବସରରେ ଖୈବର୍‌ର ଅଧିପତି ମୁରହବ୍ ନିଜର ତରବାରୀକୁ ହଲାଇ ବାହାରକୁ ବାହାରିଲା ଏବଂ ସେ କହୁଥିଲା ଖୈବର୍ ଜାଣେ ଯେ, ମୁଁ ମୁରହବ୍ ଏବଂ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ସାହାସୀ ଓ ଅଭିଜ୍ଞ ଯୋଦ୍ଧା ସେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କ ଚକ୍ଷୁରେ ଭୀଷଣ ଯନ୍ତ୍ରଣା ଥିଲା । ରସୁଲ୍ଲାଃ ସ:ଆ:ସ କହିଲେ ମୁଁ ସେହି ବ୍ୟକ୍ତିକୁ ଧ୍ୱଜା ପ୍ରଦାନ କରିବି ଯିଏ ଅଲ୍ଲାଃ ଓ ତାହାର ବାର୍ତାବହଙ୍କୁ ଭଲପାଏ କିମ୍ବା ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲ୍ ଉକ୍ତ ବ୍ୟକ୍ତିକୁ ଭଲ ପାଆନ୍ତି । ଅତଏବ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କ ଚକ୍ଷୁରେ ନିଜର ପବିତ୍ର ଛାପ ଲଗାଇଲେ ଯଦ୍ୱାରା ତାଙ୍କର ଯନ୍ତ୍ରଣା ଦୂରିଭୁତ ହୋଇଗଲା । ହଜୁର ସ:ଆ:ସ ତାଙ୍କୁ ନିଜର ଧ୍ୱଜା ପ୍ରଦାନ କଲେ । ମୁରହବ୍ ବାହାରିଲା ଏବଂ ସେ କହିଲା କି ଖୈବର ଜାଣେ ଯେ, ମୁଁ ମୁରହବ୍ ଅସ୍ତ୍ରସାହାସୀ ଓ ଅଭିଜ୍ଞ ଯୋଦ୍ଧା ଅପରପକ୍ଷରେ ଯୁଦ୍ଧ ଅଗ୍ନୀର ଜ୍ୱାଳାକୁ ଉତେଜିତ କରୁଥିଲା । ହଜ୍‌ରତ୍ ଅଲୀ ର:ଅ କହିଲେ ମୋ ମାତା ମୋର ନାମ ହୈଦର୍ ରଖିଛନ୍ତି ଯାହାର ଅର୍ଥ ଭୟଙ୍କର ରୂପୀଧାରି ମହାବାଳ ବାଘ ଯିଏ ଜଙ୍ଗଲରେ ରୁହେ ମୁଁ ଗୋଟିଏ ସା ବଦଳରେ ସନ୍ଦ୍ରା ଦେଉଛି ଏହା ଏକ ଲୋକ ଉକ୍ତି ଯାହାର ଅର୍ଥ ବାଘ ମୁକାବିଲାରେ ମହାବଳ ବାଘ ବାହାରିଥାଏ ଅବା ଯାହାକୁ ଯେପରି ଅବା ଇଟାର ଉତର ପଥରରେ ଦେବା କୁହାଯାଏ । ସନ୍ଦ୍ରାର ଅର୍ଥ ବହୁତ ବଡ଼ ପରିମାପକ ଗୋଟିଏ ସା ର ପରିମାଣ ତିନିଶେର୍ ଅଟେ ।

ବର୍ଣ୍ଣନାକାରୀ କୁହନ୍ତି ହଜ୍‌ରତ୍ ଅଲୀ ର:ଅ ମୁରହବ୍‌ର ମୁଣ୍ଡ ଉପରେ ପ୍ରହାର କଲେ ଓ ତାହାକୁ ହତ୍ୟା କରିଦେଲେ ଏପରି ତାହା ହଜ୍‌ରତ୍ ଅଲୀ ର:ଅଙ୍କ ହସ୍ତରେ ବିଜୟ ହେଲା ଅର୍ଥାତ ଖୈବର । ଏହା ମୁସ୍‌ଲିମ୍‌ର ବର୍ଣ୍ଣନା ଅଟେ । **(ସିରତ୍ ଖାତ୍‌ମୁନ୍ ନବିୟିନ୍..... ପୃ-୮୩୭)**

**(ସହି ମୁସ୍‌ଲିମ୍, ଖଣ୍ଡ-୯, ପୃ-୨୪୦.... ରବୁଓ୍ୱା)**

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହାର ଚର୍ଚ୍ଚା କରି ବର୍ଣ୍ଣନା କରନ୍ତି, ଖୈବର୍ ଯୁଦ୍ଧରେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଏକ ଅବସରରେ ତରବାରୀ ପ୍ରଦାନ କରିବା ପୂର୍ବରୁ କହିଲେ ମୁଁ ଏହାକୁ ସେହି ବ୍ୟକ୍ତିକୁ ପ୍ରଦାନ କରିବି ଯାହାକୁ ପ୍ରଭୁ ଭଲ ପାଆନ୍ତି ଏବଂ ଅବା ଯିଏ ପ୍ରଭୁକୁ ଭଲପାଏ ଏବଂ ମୁଁ ଏହି ତରବାରୀ ତାହାକୁ ପ୍ରଦାନ କଲି ଯାହାକୁ ପ୍ରଭୁ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ହଜ୍‌ରତ୍ ଉମର୍ କୁହନ୍ତି ଉକ୍ତ ବୈଠକରେ ମୁଁ ମଧ୍ୟ ଉପସ୍ଥିତ ଥିଲି ଏବଂ ନିଜ ମସ୍ତକ ଉଚ୍ଚା କରୁଥିଲି ଯେପରି ହଜୁର ସ:ଆ:ସ ମତେ ଦେଖିନେବେ ଏବଂ ତାହା ମତେ ପ୍ରଦାନ କରିଦେବେ । କିନ୍ତୁ ଆପଣ ମତେ ଦେଖି ନୀରବ ରହିଲେ ମୁଁ ପୁନଶ୍ଚ ନିଜର ମୁଣ୍ଡ ଉଚ୍ଚା କଲି କିନ୍ତୁ ଆପଣ ମତେ ଦେଖି ପୁନଶ୍ଚ ନୀରବ ରହିଲେ, ସେହି କ୍ଷଣି ହଜ୍‌ରତ୍ ଅଲୀ ର:ଅଙ୍କର ଆଗମନ ହେଲା ସେତେବେଳେ ତାଙ୍କ ଚକ୍ଷୁରେ ଭୀଷଣ ଯନ୍ତ୍ରଣା ରହିଥିଲା ହଜୁର ସ:ଆ:ସ କହିଲେ, ଅଲୀ ଆଗକୁ ଆସ ଆପଣ ନିଜ ପବିତ୍ର ଛାପ ମୁଖରୁ ନେଇ ତାଙ୍କ ଚକ୍ଷୁରେ ଲେପନ କଲେ ଏବଂ କହିଲେ, ପ୍ରଭୁ ତୁମ ଯନ୍ତ୍ରଣା ଲାଘବ କରିବେ ଏବଂ ଉକ୍ତ ତରବାରୀ ତାହାଙ୍କୁ ପ୍ରଦାନ କଲେ ।

**(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୯, ପୃ-୬୧୪.... ୨ ସେପ୍ଟେମ୍ବର ୧୯୩୮)**

ଏହି ଚର୍ଚ୍ଚିତ ଘଟଣାକୁ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଅନ୍ୟ ଏକ ସ୍ଥାନରେ ଏପରି ବର୍ଣ୍ଣନା କରିଛନ୍ତି । ହଜୁର ସ:ଆ:ସ ହୁଦେବିୟାରୁ ପ୍ରତ୍ୟାବର୍ତନ କରି ପାଖାପାଖି ପାଂଚମାସ ପରେ ଏହି ନିଷ୍ପତି ନେଲେ ଯେ, ୟହୁଦୀ ଯେ ଖୈବର ଅଂଚଳରେ ବସବାସ କରୁଛନ୍ତି ଏବଂ ଖୈବର ମଦିନାଠାରୁ ମାତ୍ର କିଛି ମାଇଲ୍ ଦୂରତାରେ ଅବସ୍ଥିତ । ସେଠାରୁ ମଦିନା ବିରୁଦ୍ଧରେ ଷଡ଼ଯନ୍ତ୍ର କରିବା ଅତି ସହଜ ତେଣୁ ସେମାନଙ୍କୁ ସେଠାରୁ ବିତାଡ଼ିତ କରିଦେବା ଉଚିତ ହେବ । ଅତଏବ ଆପଣ ୧୬୦୦ ସାହାବାଙ୍କୁ ସାଥିରେ ନେଇ ୬୨୮ ଖ୍ରୀଷ୍ଟାବ୍ଦରେ ଅଗଷ୍ଟ ମାସରେ ଖୈବର ଅଭିମୁଖେ ବାହାରି ପଡ଼ିଲେ । ଖୈବର୍ ଦୁର୍ଗ ଆବଦ୍ଧ ସହର ମଧ୍ୟରେ ଥିଲା ଏବଂ ସହର ଚର୍ତୁପାର୍ଶ୍ୱରେ ଦୃଢ଼ ଚଟାଣର ପାଚେରୀ ଦଣ୍ଡାୟମାନ ଥିଲା । ଏଭଳି ସହରକୁ ଏଇ ସିମୀତ ସୈନିକମାନଙ୍କ ଦ୍ୱାରା ବିଜୟ କରିବା ସହଜ ସାପେକ୍ଷ ନଥିଲା । ଆଖପାଖରେ ଥିବା ଛୋଟ ଛୋଟ ଛାଉଣୀ ଓ ଛାଉଣୀ ତ ମୁସଲମାନମାନେ ବିଜୟ କରିନେଲେ କିନ୍ତୁ ଯେତେବେଳେ ୟହୁଦୀ ଅସଲ ଦୁର୍ଗରେ ଶରଣ ନେଲେ ତାହାକୁ ଜୟ କରିବାର ସମସ୍ତ କୌଶଳ ନିରର୍ଥକ ସାବ୍ୟସ୍ତ ହେଲା । ଏକଦା ହଜୁର ସ:ଆ:ସ କହିଲେ, ଏହି ସହର ହଜ୍‌ରତ୍ ଅଲୀ ର:ଅଙ୍କ ହସ୍ତରେ ଜୟ ଲାଭ ହେବ । ଯାହାକି ବିଦ୍ଧିର ବିଧାନ । ଅତଏବ ଆପଣ ପ୍ରଭାତରେ ଘୋଷଣା କଲେ ଆଜି ମୁଁ ଇସ୍‌ଲାମ୍‌ର କଳାବର୍ଣ୍ଣ ଧ୍ୱଜା ତାହା ହସ୍ତରେ ଦେବି ଯାହାକୁ ପ୍ରଭୁ ଓ ତାଙ୍କ ଅବତାର ଆଦର କରନ୍ତି, ସ୍ନେହ କରନ୍ତି । ପ୍ରଭୁ ତାଙ୍କରି ହସ୍ତରେ ଏହି ସହରକୁ ବିଜୟ ପ୍ରଦାନ କରିବେ ଯାହାକି ତାଙ୍କର ଧାର୍ଯ୍ୟ ବିଧାନ ଅଟେ ।

**(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୩୨୫-୩୨୬)**

ଏହି ଘଟଣା ଚକ୍ରର ବ୍ୟାଖ୍ୟା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏପରି ବର୍ଣ୍ଣନା କରନ୍ତି । ଖୈବର ବିଜୟ କରିବା ଆଲୋଚନା ହେଲା ତ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଡ଼କାଇଲେ ଏବା ଇସ୍‌ଲାମୀୟ ସୈନ୍ୟଦଳର ନେତୃତ୍ୱ ହଜ୍‌ରତ୍ ଅଲୀ ର:ଅଙ୍କ ହସ୍ତରେ ପ୍ରଦାନ କଲେ କିନ୍ତୁ ସେତେବେଳେ ତାଙ୍କ ଚକ୍ଷୁରେ ଭୀଷଣ ଯନ୍ତ୍ରଣା ରହିଥିଲା ହଜୁର ସ:ଆ:ସ କହିଲେ, ଅଲୀ ଆଗକୁ ଆସ ଆପଣ ନିଜ ପବିତ୍ର ଛାପ ମୁଖରୁ ନେଇ ତାଙ୍କ ଚକ୍ଷୁରେ ଲେପନ କଲେ ଯଦ୍ୱାରା ସେହି କ୍ଷଣି ତାଙ୍କ କଷ୍ଟ ଦୂରିଭୁତ ହୋଇଗଲା ।

**(ତଫ୍‌ସିର୍ କବୀର, ଖଣ୍ଡ-୮, ପୃ-୩୯୮-୩୯୯)**

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଆମେ ଦେଖିଥାଉ ଯେ ସଂସାରରେ ପ୍ରଭୁଙ୍କ କୃପା ବଳରେ ଅସାଧାରଣ ରୂପେ ଭୟଙ୍କର ରୋଗରୁ ଆରୋଗ୍ୟ ଲାଭ ହୋଇଥାଏ । ତାହା ପୁଣି ବିନା କୌଣସି ବୈଦ୍ୟଙ୍କ ଉପଚାର ନ କରି ଅବା ସେତେବେଳେ ସ୍ୱାସ୍ଥ୍ୟ ଫେରିଥାଏ ଯେତେବେଳେ ଚିକିତ୍ସା ପଦ୍ଧତିର ସମସ୍ତ କୌଶଳ ଅବଲମ୍ବନ କରିବାପରେ ମଧ୍ୟ ଆରୋଗ୍ୟ ଲାଭ ହୋଇନଥାଏ । ଅତଏବ ହଜୁର ସ:ଆ:ସଙ୍କ ଜୀବନୀରେ ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳିଥାଏ ଯେପରି କି ଖୈବରର ସମୟରେ । ଯେତେବେଳେ ହଜ୍‌ରତ୍ ଉମର୍ ର:ଅ କୁହନ୍ତି: ଉକ୍ତ ବୈଠକରେ ମୁଁ ମଧ୍ୟ ଉପସ୍ଥିତ ଥିଲି ଏବଂ ନିଜ ମସ୍ତକ ଉଚ୍ଚା କରୁଥିଲି ଯେପରି ହଜୁର ମତେ ଦେଖିନେବେ ଏବଂ ତାହା ଅର୍ଥାତ ଉକ୍ତ ତରବାରୀ ମତେ ପ୍ରଦାନ କରିବେ । କିନ୍ତୁ ହଜୁର ଦେଖି ମତେ ନୀରବ ରହିଲେ ସେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କ ଆଗମନ ହେଲା ଏବଂ ତାଙ୍କ ଚକ୍ଷୁରେ ଯନ୍ତ୍ରଣା ଥିଲା । କିନ୍ତୁ ହଜୁର ସ:ଆ:ସ ନିଜ ପବିତ୍ର ଛାପ ତାଙ୍କ ଚକ୍ଷୁରେ ଲେପନ କରିବା ଯୋଗୁଁ ସେ ତତ୍‌କ୍ଷଣାତ୍ ଆରୋଗ୍ୟ ଲାଭ କରିଥିଲେ ଏବଂ ଚମତ୍କାର ଭାବରେ ସେ ସେହି କ୍ଷଣି ସୁସ୍ଥ ହୋଇଯାଇଥିଲେ । ଆପଣ ତାଙ୍କ ହସ୍ତରେ ତରବାରୀ ଦେଇ ଖୈବର ବିଜୟ କରିବାପାଇଁ ପ୍ରେରଣ କଲେ ।

**(ହକ୍ତିବାରି ତାଲା, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୬, ପୃ-୩୨୭)**

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଉକ୍ତ ଯୁଦ୍ଧରେ ହଜ୍‌ରତ୍ ଅଲୀ ର:ଅଙ୍କ ଏକ ଉଦାହରଣ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଅଟେ । ହଜ୍‌ରତ୍ ଅଲୀ ର:ଅଙ୍କର ଏକ ୟହୁଦୀ ଜେନେରାଲ୍ ସହିତ ଯୁଦ୍ଧ ହେଲା ପରିଶେଷରେ ହଜ୍‌ରତ୍ ଅଲୀ ର:ଅ ତାହାକୁ ତଳେ ପକାଇ ତା ଉପରେ ଚଢ଼ି ବସିଲେ ଏବଂ ତାହାକୁ ନୀହତ କରିବାପାଇଁ ପ୍ରୟାସ କଲେ ଠିକ୍ ସେତିକିବେଳେ ସେ ଆପଣଙ୍କ ମୁହଁ ଉପରେ ଛାପ ପକାଇ ଦେଲା ଫଳତଃ ହଜ୍‌ରତ୍ ଅଲୀ ର:ଅ ତାହାକୁ ଛାଡ଼ି ସେଠାରୁ ପୃଥକ ହୋଇଗଲେ ଏହା ଦେଖି ଉକ୍ତ ୟହୁଦୀ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହେଲା ଏବଂ ହଜ୍‌ରତ୍ ଅଲୀ ର:ଅଙ୍କୁ ପଚାରିଲା ଆପଣ କାହିଁକି ମୋଠାରୁ ଅଲଗା ହୋଇଗଲେ । ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ମୁଁ ଅଲ୍ଲାଃ ତାଲାଙ୍କ ପ୍ରତିଭାଜନ ଲାଭ କରିବା ପାଇଁ ତୁମ ସହିତ ଲଢୁଥିଲି କିନ୍ତୁ ଯେତେବେଳେ ତୁମେ ମୋ ମୁଖରେ ଛାପ ପକାଇ ଦେଲ ସେତେବେଳେ ମୁଁ କ୍ରୋଧିତ ହୋଇଉଠିଲି ଏବଂ ମୁଁ ଏହା ଭାବିଲି କି ଯଦି ମୁଁ ବର୍ତମାନ ତୁମକୁ ବଧ କରେ ତେବେ ତାହା ମୋ ସ୍ୱାର୍ଥ ପାଇଁ ହେବ ନା କି ଅଲ୍ଲାଃ ତାଲାଙ୍କ ଖାତିର୍ ସୁତରାଂ ମୁଁ ତୁମକୁ ଛାଡ଼ି ଦେଲି କାରଣ ମୋର କ୍ରୋଧଟି ପ୍ରଶମିତ ହୋଇଯାଉ ଏବଂ ମୋର ତୁମକୁ ବଧ କରିବା ମୋ ନିଜ ସ୍ୱାର୍ଥ ପାଇଁ ନ ହେଉ । ଏହା କେତେ ମହାନ୍ କାର୍ଯ୍ୟ ଠିକ୍ ଯୁଦ୍ଧ ଭୂମିରେ ଜଣେ ବଡ଼ ଶତ୍ରୁକୁ କେବଳ ଏଥିପାଇଁ ଛାଡ଼ି ଦିଆଯାଉଛି କି ତାଙ୍କୁ ନିଜ କ୍ରୋଧ ଯୋଗୁଁ ହତ୍ୟା କରାନଯାଉ ବରଂ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରିବାପାଇଁ କରାଯାଉ ।

**(ସେରେ ରୁହାନୀ ନଂ-୨, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧୬, ପୃ-୭୪)**

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ ଏକଦା ହଜ୍‌ରତ୍ ଅଲୀ ର:ଅ ସୁରାଃ ତୌବାର ପ୍ରାରମ୍ଭିକ ଆୟତଗୁଡ଼ିକର ହଜ୍ ଅବସରରେ ଘୋଷଣା କଲେ । ଉକ୍ତ ବର୍ଣ୍ଣନା ଟି ଏପରି ଅଟେ, ଅବୁ ଜାଫର୍ ମୁହମ୍ମଦ ବିନ୍ ଅଲୀ ବର୍ଣ୍ଣନା କରନ୍ତି କି ହଜୁର ସ:ଆ:ସଙ୍କ ଉପରେ ଯେତେବେଳେ ସୁରାଃ ବରାଅତ୍ (ସୁରାଃ ତୌବାଃ) ଅବତୀର୍ଣ୍ଣ ହେଲା ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଅବୁବକର ର:ଅଙ୍କୁ ହଜ୍ ର ଅମୀର ରୂପେ ନିଯୁକ୍ତ କରି ପ୍ରେରଣ କରିସାରିଥିଲେ । ହଜୁର ସ:ଆ:ସଙ୍କ ସେବାରେ ଏହି ପ୍ରସ୍ତାବ ରଖାଗଲା କି ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ଯଦି ଉକ୍ତ ସୁରାଃଟିକୁ ହଜ୍‌ରତ୍ ଅବୁବକର ର:ଅଙ୍କ ନିକଟକୁ ପ୍ରେରଣ କରିଦିଅନ୍ତେ ତାହେଲେ ଆପଣଙ୍କ ପରିବାରବର୍ଗ ଉକ୍ତ ଆୟତଟିକୁ ପଢ଼ିନିଅନ୍ତେ । ହଜୁର ସ:ଆ:ସ କହିଲେ କି ମୋର ପରିବାରବର୍ଗଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ବ୍ୟତିତ ଅନ୍ୟ କେହି ବି ଉକ୍ତ କର୍ତବ୍ୟକୁ ସମ୍ପାଦନ କରିପାରିବେ ନାହିଁ । ଏହାପରେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଡ଼ାକିଲେ ଏବଂ କହିଲେ ସୁରାଃ ତୌବାର ଆରମ୍ଭରେ ଯାହା ଅବତୀର୍ଣ୍ଣ ହୋଇଛି ତାହାକୁ ନେଇ ଯାଅ ଏବଂ କୁର୍ବାନୀ ଦିନ ଲୋକେମାନେ ଯେତେବେଳେ ମିନା ଠାରେ ଏକତ୍ରିତ ହୋଇଯିବେ ସେତେବେଳେ ତୁମେ ସେଠାରେ ସେମାନଙ୍କ ମଧ୍ୟରେ ଏହି ଘୋଷଣା କରିବ କି ବୈକୁଣ୍ଠରେ କେହି ଅବିଶ୍ୱାସକାରୀ ପ୍ରବେଶ କରିପାରିବେ ନାହିଁ ଏବଂ ଚଳିତ ବର୍ଷ ପରେ କୌଣସି ଅବିଶ୍ୱାସକାରୀକୁ ହଜ୍ କରିବାର ଅନୁମତି ମିଳିବ ନାହିଁ ଏବଂ କୌଣସି ବ୍ୟକ୍ତିଙ୍କୁ ଫୁଙ୍ଗୁଳା ଅବସ୍ଥାରେ ହଜ୍ କରିବାର ଅନୁମତି ନାହିଁ ଏବଂ ହଜୁର ସ:ଆ:ସ ଯେଉଁ ବ୍ୟକ୍ତି ସହିତ ଚୁକ୍ତି କରିଛନ୍ତି ତାହାର ଅବଧିକୁ ପୂରଣ କରାଯିବ । ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କର ଅସ୍‌ବା ନାମକ ଓଟ ଉପରେ ଆରୋହଣ ହୋଇ ସେଠାରୁ ପ୍ରସ୍ଥାନ କଲେ ବାଟରେ ହିଁ ହଜ୍‌ରତ୍ ଅବୁବକର ର:ଅଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ହଜ୍‌ରତ୍ ଅବୁବକର ର:ଅ ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଭେଟିଲେ ସେତେବେଳେ କହିଲେ, କି ଆପଣଙ୍କୁ ଅମୀର ଭାବରେ ନିଯୁକ୍ତ କରାଯାଇଛି ନା ଆପଣ ମୋ ଅଧିନସ୍ଥରେ ରହି କାମ କରିବେ । ହଜ୍‌ରତ୍ ଅଲୀ ର:ଅ କହିଲେ, ମୁଁ ଆପଣଙ୍କ ଅଧିନସ୍ଥ ଅଟେ । ଏହାପରେ ଦୁହେଁ ସେଠାରୁ ବାହାରି ପଡ଼ିଲେ ହଜ୍‌ରତ୍ ଅବୁବକର ର:ଅ ହଜ୍ ଉପଲକ୍ଷେ ଲୋକମାନଙ୍କ ନିରୀକ୍ଷଣ କଲେ ଏବଂ ସେହି ବର୍ଷ ଆରବବାସୀ ସେମାନଙ୍କର ସେହି ସ୍ଥାନମାନଙ୍କରେ ଶିବିର ତିଆରି କରିଥିଲେ ଯେଉଁଠି ସେମାନେ ଅଶିକ୍ଷିତ ଯୁଗରେ ଶିବିର କରୁଥିଲେ । ଯେତେବେଳେ କୁର୍ବାନୀର ଦିନ ଆସିଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ଛିଡ଼ା ହେଲେ ଏବଂ ଲୋକମାନଙ୍କ ମଧ୍ୟରେ ଏହି କଥାର ଘୋଷଣା କଲେ ଯାହା ହଜୁର ସ:ଆ:ସ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହଜ୍‌ରତ୍ ଅଲୀ ର:ଅ ଲୋକମାନଙ୍କୁ କହିଲେ କି ହେ ଲୋକମାନେ ସ୍ୱର୍ଗରେ କୌଣସି ଅବିଶ୍ୱାସକାରୀ

ପ୍ରବେଶ କରିପାରିବ ନାହିଁ ଏବଂ ଚଳିତ ବର୍ଷ ପରେ କୌଣସି ଅବିଶ୍ୱାସକାରୀ ହଜ୍ କରିବ ନାହିଁ ନା କୌଣସି ଫୁଙ୍ଗୁଳା ବ୍ୟକ୍ତିଙ୍କୁ ଖାନାକାବାର ପରିକ୍ରମଣ ଓ ପ୍ରଦକ୍ଷଣ କରିବାକୁ ଅନୁମତି ଦିଆଯିବ । ହଜୁର ସ:ଆ:ସ ଯେଉଁ ବ୍ୟକ୍ତି ସହିତ ଚୁକ୍ତି କରିଛନ୍ତି ସେହ ଚୁକ୍ତିର ଅବଧି ନିଶ୍ଚିତ ରୂପେ ପୂରଣ କରାଯିବ ଅତଏବ ଲୋକମାନଙ୍କୁ ଉକ୍ତ ଘୋଷଣା ଦିନଠାରୁ ଚାରିମାସ ପର୍ଯ୍ୟନ୍ତ ସମୟ ଦିଆଗଲା କାରଣ ପ୍ରତ୍ୟେକ ଜାତି ନିଜର ଶାନ୍ତି ସ୍ଥାନ କିମ୍ବା ନିଜ ନିଜର ଅଚଂଳ ଆଡ଼କୁ ଫେରିଯାଆନ୍ତୁ । ଏହାପରେ ନା କୌଣସି ଅବିଶ୍ୱାସକାରୀ ପାଇଁ କୌଣସି ଚୁକ୍ତି ଥିବ ନା କୌଣସି ଦାୟିତ୍ୱ କେବଳ ହଜୁର ସ:ଆ:ସ କୌଣସି ବ୍ୟକ୍ତି ସହିତ କରିଥିବା ଚୁକ୍ତିର ଅବଧି ବ୍ୟତିତ ଅନ୍ୟ କୌଣସି ଚୁକ୍ତିର ଅବଧି ପୂର୍ବପରି ବଳବତର ରହିବନାହିଁ ଅର୍ଥାତ ଯେଉଁ ଚୁକ୍ତି ପୂର୍ବରୁ ହୋଇସାରିଛି ହଜୁର ସ:ଆ:ସ କରିଛନ୍ତି ତାହା ହିଁ ପୂରଣ କରାଯିବ । ଏତଦ୍ ବ୍ୟତିତ ଅନ୍ୟ କୌଣସି ଚୁକ୍ତି ପୂରଣ କରାଯିବ ନାହିଁ । ଅତଏବ ସେହି ନିର୍ଦ୍ଧାରିତ ଅବଧିର ଚୁକ୍ତିକୁ ବଳବତର ରଖାଗଲା । ଚଳିତବର୍ଷ ପରେ ନା କୌଣସି ଅବିଶ୍ୱସାକାରୀ ହଜ୍ କଲେ ନା କୌଣସି ଫୁଙ୍ଗୁଳା ଶରୀରରେ ଥିବା ବ୍ୟକ୍ତି ହଜ୍ କରିବାପାଇଁ ଅନୁମତି ଦିଅଗଲା । ପୁନଶ୍ଚ ଏ ଦୁହେଁ ଅର୍ଥାତ ହଜ୍ରତ୍ ଅଲୀ ର:ଅ ଓ ହଜ୍ରତ୍ ଅବୁବକର ର:ଅ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇଗଲେ ।

***(ସିରତୁନ୍ ନବୱିୟା, ପୃ-୮୩୨..... ବେରୁତ ୨୦୦୧)***

ମୁଁ ଯେଉଁ ରିୱାୟତ ବର୍ତମାନ ବର୍ଣ୍ଣନା କରିବାକୁ ଯାଉଛି ତାହା ପୂର୍ବେ ମଧ୍ୟ ଜଣେ ସାହାବିଙ୍କ ଚର୍ଚ୍ଚାରେ ବର୍ଣ୍ଣିତ ହୋଇସାରିଛି । କିନ୍ତୁ ଏଠାରେ ହଜ୍ରତ୍ ଅଲୀ ର:ଅଙ୍କ ଯୋଗୁଁ ମଧ୍ୟ ବର୍ଣ୍ଣନା କରିଦେଉଛି । ମକ୍କା ବିଜୟ ଅବସରରେ ଯାହାରରମ୍ଜାନ ମାସ ଆଠ ହିଜରୀରେ ଅର୍ଥାତ ଜାନୁଆରୀ ମାସ ୬୩୦ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ହଜ୍ରତ୍ ଅଲୀ ର:ଅ ବର୍ଣ୍ଣନା କରନ୍ତି ହଜୁର ସ:ଆ:ସ ମତେ, ଜୁବୈର୍ ଓ ମିକ୍ଦାଦ୍ ବିନ୍ ଅସ୍ୱଦ୍ ର:ଅଙ୍କ ପ୍ରେରଣ କଲେ ଏବଂ କହିଲେ ତୁମେ ଚାଲିଯାଅ ଉକ୍ତ ଘଟଣାଟି ରୋଜା ଖାକ୍ର ଅଟେ । ଏହା ପରଠାରୁ ମକ୍କା ବିଜୟର ଘଟଣା ବର୍ଣ୍ଣନା କରାଯିବ । ସୁତରାଂ ହଜୁର ସ:ଆ:ସ କହିଲେ ତୁମେମାନେ ଚାଲିଯାଅ ଓ ରୋଜା ଖାକ୍ ନାମକ ସ୍ଥଳେ ଏକ ଓଟ ଆରୋହଣ କରିଥିବା ମହିଳାକୁ ଦେଖିବାକୁ ପାଇବ ତାହା ନିକଟରେ ଏକ ପତ୍ର ଥିବ ଉକ୍ତ ପତ୍ରକୁ ସେହି ମହିଳାଠାରୁ ହାସଲ କରିନେବ । ଅତଏବ ହଜୁର ସ:ଆ:ସଙ୍କ ନିର୍ଦ୍ଦେଶକ୍ରମେ ଆମେମାନେ ଅଶ୍ୱ ଦ୍ରୁତଗତିରେ ଧାବନ କରି ସେଠାରେ ପହଂଚି ଅନୁଧ୍ୟାନ କଲୁ କି ସେଠାରେ ଜଣେ ଓଟ ଆରୋହଣକାରୀ ମହିଳା ଉପସ୍ଥିତ ଅଛି । ଆମେ ଉକ୍ତ ମହିଳା ନିକଟକୁ ଗଲୁ ଏବଂ ଯାଇ ତାକୁ କହିଲୁ କି ନିଜ ପାଖରେ ଥିବା ପତ୍ରଟି ବାହାର କର ସେ କହିବାକୁ ଲାଗିଲା ଯେ ମୋ ନିକଟରେ କୌଣସି ପତ୍ର ନାହିଁ । ଆମେମାନେ କହିଲୁ କି ତୁମେ ପତ୍ର ବାହାର କରିବା ନା ଆମେ ତୁମକୁ ନିବସ୍ତ୍ର କରିଦେବୁ ଏବଂ ତୁମର ତଲାସି ନେବୁ ସୁତରାଂ ଉକ୍ତ ମହିଳା ଭୟଭୀତ ହୋଇ ନିଜର କେଶ ଫାନ୍ଦରୁ ପତ୍ରଟି ବାହାର କରି ଆମକୁ ପ୍ରଦାନ କଲା । ଆମେ ତାହାକୁ ନେଇ ହଜୁର ସ:ଆ:ସଙ୍କ ନିକଟକୁ ଆସିଲୁ ହଜୁର ସ:ଆ:ସ ଯେତେବେଳେ ପତ୍ର ଖୋଲିଲେ ସେତେବେଳେ ଦେଖିଲେ ଯେ ସେହି ପତ୍ରରେ ଏହା ଉଲ୍ଲେଖ ଥିଲା ଯେ ହାତିବ୍ ବିନ୍ ଅବି ବଲ୍ତଆଙ୍କ ତରଫରୁ ମକ୍କାର ଅବିଶ୍ୱାସକାରୀଙ୍କ ନାଁରେ ଉକ୍ତ ପତ୍ର ଲେଖାଯାଇଥିଲା । ସେ ହଜୁର ସ:ଆ:ସଙ୍କ କୌଣସି ଉଦ୍ଦେଶ୍ୟ ସମ୍ପର୍କରେ ସୁଚିତ କରିବାକୁ ଚାହୁଁଥିଲେ । ହଜୁର ସ:ଆ:ସ ହାତିବ୍ ବିନ୍ ଅବି ବଲ୍ତଆଙ୍କୁ ଡ଼କାଇ ପଠାଇଲେ ଏବଂ ପଚାରିଲେ ଏ କଣ ସେ ଉତର ଦେଲେ ହେ ଅଲ୍ଲାଃଙ୍କ ରସୁଲ୍ ମୋ ବିଷୟରେ ଶିଘ୍ରତା କରନ୍ତୁ ନାହିଁ ମୁଁ ଏଭଳି ଜଣେ ବ୍ୟକ୍ତି ଥିଲି ଯିଏ କୁରୈଶ୍ରୁ ଆସି ମିଶିଯାଇଥିଲି । ମୁଁ ସେମାନଙ୍କ ମଧ୍ୟରେ ଥିଲି ଏବଂ ଅନ୍ୟ ହିଜ୍ରତକାରୀମାନେ ଯେଉଁମାନେ ଆପଣଙ୍କ ସହିତ ଥିଲେ ସେମାନଙ୍କର ମକ୍କା ସହିତ ସମ୍ପର୍କ ଥିଲା ଯେଉଁମାନଙ୍କ ମାଧ୍ୟମରେ ସେମାନେ ନିଜ ଘର ଓ ସମ୍ପତିକୁ ସୁରକ୍ଷା ଦେଇଥିଲେ । ମୁଁ ଚାହିଁଲି କି ସେହି ମକ୍କାବାସୀଙ୍କ ଉପରେ ଏକ ଉପକାର କରିଦେବି ତାହା ପ୍ରତିବଦଳରେ କାରଣ ମୋର ସେମାନଙ୍କ ସହିତ କୌଣସି ସମ୍ପର୍କ ନଥିଲା ସମ୍ଭବତଃ ସେମାନେ ମୋର ଏହି ଉପକାର ଯୋଗୁଁ ମତେ ସାହାଯ୍ୟ କିମ୍ବା ମତେ ଆଦର କରିବେ କିମ୍ବା ମୋର ଟେକ୍ ରଖିବେ । ମୁଁ କୌଣସି ଅବିଶ୍ୱାସ କିମ୍ବା ଧର୍ମରୁ ଓହରି ଯାଇ ଏପରି କରିନାହିଁ । ନା ମୁଁ ଅସ୍ୱୀକାରୀ ଅଟେ । ନା ମୁଁ ମୃତଦ ଅର୍ଥାତ ଧର୍ମଛଡ଼ା ହୋଇଛି, ନା ମୁଁ ଇସ୍ଲାମ୍ ଧର୍ମକୁ ଛାଡ଼ିଚି, ନା ମୁଁ କପଟ ବିଶ୍ୱାସି ଅଟେ ।  ଇସ୍ଲାମ୍ ଧର୍ମ ଗ୍ରହଣ କରିବାପରେ ଅବିଶ୍ୱାସକାରିତାକୁ ପୂର୍ନବାର ପସନ୍ଦ କରାଯାଇନପାରେ । ମୁଁ ଆପଣଙ୍କୁ ଏହା ଆଶ୍ୱାସନା ଦେଉଛି ଯେ ମୁଁ ଜଣେ ପ୍ରକୃତ ନିଷ୍ଠାପର ଧର୍ମବିଶ୍ୱାସୀ । ଅତଏବ ହଜୁର ସ:ଆ:ସ ଉକ୍ତ କଥାକୁ ଶୁଣି କହିଲେ ଏହି ବ୍ୟକ୍ତି ଅର୍ଥାତ ବଲ୍ତଆ ସତ୍ୟ କଥା କହୁଛି । ***(ସିରତ୍ ଖାତ୍ମୁନ୍ ନବିୟିନ୍........ ପୃ-୮୪୦)***

ଉକ୍ତ ଘଟଣାର ଚର୍ଚ୍ଚା କରି ହଜ୍ରତ୍ ମୁସ୍ଲେହ ମଉଦ୍ ର:ଅ ଚର୍ଚ୍ଚା କରନ୍ତି କେବଳ ଜଣେ ଦୁର୍ବଳ ସାହାବି ମକ୍କାବାସୀଙ୍କ ପତ୍ର ଲେଖିଲେ କି ହଜୁର ସ:ଆ:ସ ଦଶ ହଜାର ସୈନ୍ୟ ସାମନ୍ତ ଧରି ମକ୍କା ଅଭିମୁଖେ ବାହାରି ଛନ୍ତି ମୁଁ ଏହା ଜାଣିନାହିଁ ଯେ ଆପଣ କେଉଁଠାକୁ ବାହାରିଛନ୍ତି କିନ୍ତୁ ମୁଁ ଭାବୁଛି ଯେ ସେ ମକ୍କା ଅଭିମୁଖେ ବାହାରିଛନ୍ତି । ମକ୍କାରେ ମୋର କେତେକ ବନ୍ଧୁ ପ୍ରିୟଜନ ଅଛନ୍ତି ମୁଁ ଆଶା କରୁଛି କି ତୁମେମାନେ ଏହି ଘଡ଼ି ସନ୍ଧି ମୁହୁର୍ତରେ ସେମାନଙ୍କୁ ସାହାଯ୍ୟ କରିବ  ସେମାନଙ୍କୁ କୌଣସି ପ୍ରକାର ଦୁଃଖକଷ୍ଟ ପହଂଚିବାକୁ ଦେବନାହିଁ । ଉକ୍ତ ପତ୍ରଟି ବର୍ତମାନ ମକ୍କାରେ ପହଂଚିନଥିଲା କି ହଜୁର ସ:ଆ:ସ ସକାଳେ ହଜ୍ରତ୍ ଅଲୀ ର:ଅଙ୍କୁ ଡ଼କାଇଲେ ଏବଂ କହିଲେ, ତୁମେ ଅମୁକ ସ୍ଥାନକୁ ଯାଅ ଅଲ୍ଲାଃ ତାଲା ମତେ ଅବଗତ କରିଛନ୍ତି ଯେ ସେଠାରେ ଓଟ ଉପରେ ଆରୋହଣ କରିଥିବା ଜଣେ ମହିଳା ତୁମକୁ ମିଳିବେ ତା ନିକଟରେ ଏକ ପତ୍ର ଥିବ ଯାହାକୁ ସେ ମକ୍କାବାସୀଙ୍କ ଆଡ଼କୁ ପ୍ରେରଣ କରିଛନ୍ତି । ତୁମେ ଉକ୍ତ ପତ୍ରଟି ସେହି ମହିଳାଠାରୁ ହାସଲ କରିନେବ ଏବଂ ଯଥାଶିଘ୍ର ମୋ ନିକଟକୁ ଫେରି ଆସିବ । ଅତଏବ ଯେତେବେଳେ ହଜ୍ରତ୍ ଅଲୀ ର:ଅ ବାହାରିଲେ ସେତେବେଳେ ହଜୁର ସ:ଆ:ସ ହଜ୍ରତ୍ ଅଲୀଙ୍କୁ ନିର୍ଦ୍ଦେଶ ଦେଲେ ଯେ ତୁମେ ଏହି କଥାର ଧ୍ୟାନ ରଖିବ ଯେ ଉକ୍ତ ପତ୍ରବହନକାରୀ ମହିଳା ଉପରେ କୌଣସି କଠୋରତା ପ୍ରଦର୍ଶନ କରିବନାହିଁ ତା ନିକଟରେ ତୁମେ କେବଳ ଏହି କଥାରେ ଅଟଳ ରହିବ ଯେ, ତୁମ ନିକଟରେ ଏକ ପତ୍ର ରହିଛି କିନ୍ତୁ ସମସ୍ତ ଚେଷ୍ଟା କରିବା ସତ୍ୱେ ଯଦି ସେ ତୁମକୁ ପତ୍ର ନ ଦିଅନ୍ତି ତେବେ ତା ସହିତ କଠୋରତା ପ୍ରଦର୍ଶନ କରିପାର ଏବଂ ଆବଶ୍ୟକ ସ୍ଥଳେ ତାହାର ହତ୍ୟା ମଧ୍ୟ କରିପାର କିନ୍ତୁ କୌଣସି ପ୍ରକାରେ ପତ୍ର ନ ହାତେଇ ବା ତାହାକୁ ଚାଲିଯିବାକୁ ଦେବନାହିଁ । ଅତଏବ ହଜ୍ରତ୍ ଅଲୀ ର:ଅ ସେଠାରେ ପହଂଚିଗଲେ ମହିଳାଜଣକ ସେଠାରେ ଉପସ୍ଥିତ ଥିଲା ସେ ଏମାନଙ୍କୁ ଦେଖି କାନ୍ଦିବାକୁ ଲାଗିଲା ଏବଂ ଶପଥ କରିବାକୁ ଲାଗିଲା କି ମୁଁ ତୁମମାନଙ୍କୁ ସତ କହୁଛି ଯେ ମୋ ନିକଟରେ କୌଣସି ପତ୍ର ନାହିଁ । ତୁମେମାନେ ମୋର ତଲାସି ନେଇପାର । ସୁତରାଂ ହଜ୍ରତ୍ ଅଲୀ ର:ଅ ତାହାର ପଡ଼ତାଲ କଲେ ଜିନିଷ ପତ୍ର ତନଖିଲେ କିନ୍ତୁ ପତ୍ର ମିଳିଲାନାହିଁ । ସାହାବାମାନେ କହିଲେ, ବୋଧ ହୁଏ ଏହି ମହିଳା ପାଖରେ ପତ୍ରନାହିଁ । ହଜ୍ରତ୍ ଅଲୀ ର:ଅ ଉକ୍ତ କଥାକୁ ଶୁଣି ଉତେଜିତ ହୋଇପଡ଼ିଲେ ଏବଂ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଅଲ୍ଲାଃ ତାଲାଙ୍କ ବାର୍ତାବହ (ଅର୍ଥାତ ନବୀ) କେବେ ହେଲେ ଅସତ୍ କଥା କହିପାରିବେ ନାହିଁ ଅତଏବ ଉକ୍ତ ମହିଳାକୁ କହିଲେ, ହେ ନାରୀ ଦେଖ ମୁହମ୍ମଦ ସ:ଆ:ସ କହିଛନ୍ତି ତୁମ ନିକଟରେ ପତ୍ର ଅଛି ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ମିଛ କହୁନାହିଁ । ଏହାପରେ ହଜ୍ରତ୍ ଅଲୀ ର:ଅ ତରବାରୀ ବାହାର କଲେ ଏବଂ କହିଲେ ହେ ନାରୀ ତୁ ସିଧାସଳଖ ପତ୍ର ବାହାର କରିଦେ ଅନ୍ୟଥା ମନେରଖେ ଯଦି ତତେ ନିବସ୍ତ୍ର କରିବାକୁ ଆବଶ୍ୟକ ପଡ଼େ ତାହେଲେ ମୁଁ ପଶ୍ଚାତପଦ ଦେବିନାହିଁ କାରଣ ହଜୁର ସ:ଆ:ସ ସତ କହିଛନ୍ତି କିନ୍ତୁ ତୁ ମିଛ କହୁଛୁ । ଅତଏବ ସେହି ମହିଳା ଭୟଭୀତ ହୋଇପଡ଼ିଲା ଏବଂ ଯେତେବେଳେ ତାକୁ ନିବସ୍ତ୍ର କରିବାର ହଜ୍ରତ୍ ଅଲୀ ର:ଅ ଧମକ ଦେଲେ ସେତେବେଳେ ସେ ଉକ୍ତ ପତ୍ରଟିକୁ ନିଜ କେଶର ଫାନ୍ଦରୁ ବାହାର କରି ପ୍ରଦାନ କଲା । ହଜ୍ରତ୍ ଅଲୀ ର:ଅଙ୍କ ହାତରେ ଧରାଇ ଦେଲା । ***(ସେରେ ରୁହାନୀ(୭), ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୪, ପୃ-୨୬୨-୨୬୩)***

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସମ୍ପର୍କରେ ମୁସ୍ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସଙ୍କ କାଳରେ ଜଣେ ସାହାବି ନିଜର ଆତ୍ମିୟ ପରିଜନଙ୍କୁ ମକ୍କା ଉପରେ ଆକ୍ରମଣର ସୁଚନା ଗୁପ୍ତ ଭାବରେ ପହଂଚାଇବାକୁ ଚାହିଁଲେ କାରଣ ଉକ୍ତ ସହାନୁଭୂତି ମୂଳକ ବ୍ୟବହାର ଦ୍ୱାରା ତାଙ୍କର ଆତ୍ମିୟ ସମ୍ପର୍କୀୟମାନେ ତାଙ୍କ ସହିତ ସଦ୍ ବ୍ୟବହାର ପ୍ରଦର୍ଶନ କରନ୍ତୁ କିନ୍ତୁ ହଜୁର ସ:ଆ:ସଙ୍କୁ ଆକାଶବାଣୀ ମାଧ୍ୟମରେ ଉକ୍ତ କଥା ସମ୍ପର୍କରେ ଅବଗତ କରିଦିଆଗଲା । ହଜୁର ସ:ଆ:ସ ହଜ୍ରତ୍ ଅଲୀ ର:ଅ ଓ ଆଉ କେତେକ ସାହାବାଙ୍କୁ ଉକ୍ତ ମହିଳା ନିକଟକୁ ପ୍ରେରଣ କଲେ ଏବଂ କହିଲେ କି ଯାଅ ଅମୁକ ସ୍ଥାନରେ ଜଣେ ମହିଳା ଅଛି ତା ନିକଟରୁ ପତ୍ର ହାସଲ କରି ଆଣ । ହଜ୍ରତ୍ ଅଲୀ ର:ଅ ସେଠାରେ ପହଂଚି ଉକ୍ତ ମହିଳାକୁ ପତ୍ର ମାଗିଲେ କିନ୍ତୁ ମହିଳା ଜଣକ କହିଲା କି ମୋ ନିକଟରେ କୌଣସି ପତ୍ର ନାହିଁ କେତେକ ସାହାବାମାନେ କହିଲେ କି ବୋଧ ହୁଏ ହଜୁର ସ:ଆ:ସଙ୍କୁ ଭ୍ରମ ଲାଗିଛି । ହଜ୍ରତ୍ ଅଲୀ ର:ଅ କହିଲେ ନାହିଁ ହଜୁର ସ:ଆ:ସଙ୍କ କଥା କଦାପି ଭୁଲ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଏହି ମହିଳା ନିକଟରୁ ସେହି ପତ୍ରଟି ହସ୍ତଗତ ହୋଇନାହିଁ ମୁଁ ଏଠାରୁ କଦାପି ହଟିବିନାହିଁ ଅତଏବ ଉକ୍ତ ମହିଳାକୁ ପାଟିତୁଣ୍ଡ କରିବାକୁ ସେହି ମହିଳାଜଣକ ଉକ୍ତ ପତ୍ରଟି ବାହାର କରି ହଜ୍ରତ୍ ଅଲୀ ର:ଅଙ୍କୁ ଦେଇଦେଲା ।

***(ଖୁତ୍ବାତେ ମେହ୍ମୁଦ୍ ଖଣ୍ଡ-୪, ପୃ-୧୮୨,୧୮୩..... ୨୫ ସେପ୍ଟେମ୍ବର ୧୯୯୪)***

ମକ୍କା ବିଜୟ ଅବସରରେ ହଜୁର ସ:ଆ:ସ ଯେତେବେଳେ ମସ୍ଜିଦ୍ ହରାମ୍ରେ ବିରାଜମାନ ଥିଲେ ସେତେବେଳେ ହଜ୍ରତ ଅଲୀ ର:ଅ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ତାଙ୍କ ହାତରେ ଖାନାକାବାର ଚାବି ଥିଲା ସେ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆମ ପାଇଁ ସିକାୟା ଅର୍ଥାତ ହଜ୍ ଅବସରରେ ପାଣି ଆଣିବାର ଡ୍ୟୁଟି ସହିତ ହିଜାବେ ଅର୍ଥାତ ଖାନାକାବାକୁ ଖୋଲିବାର ଏବଂ ବନ୍ଦ କରିବାର ଡ୍ୟୁଟି ନ୍ୟସ୍ତ କରନ୍ତୁ । ହଜୁର ସ:ଆ:ସ କହିଲେ, ଉସ୍ମାନ୍ ବିନ ତଲ୍ହା କୁଆଡ଼େ ଅଛନ୍ତି ତାଙ୍କୁ ଡ଼ାକ । ସେତେବେଳେ ହଜୁର ସ:ଆ:ସ କହିଲେ, ହେ ଉସ୍ମାନ୍ ଏ ହେଉଛି ତୁମର ଚାବି ଆଜିର ଦିନ ହେଉଛି ପୂଣ୍ୟ ଏବଂ ବିଶ୍ୱସ୍ତତାର ଦିନ ସେଥିଅନ୍ତେ ହଜୁର ସ:ଆ:ସ ହଜ୍ରତ୍ ଅଲୀ ର:ଅଙ୍କୁ କହିଲେ କି ମୁଁ ତୁମମାନଙ୍କୁ ଏପରି ଜିନିଷ ଦେବିନାହିଁ ଯଦ୍ୱାରା ତୁମେମାନେ କୌଣସି ସମସ୍ୟା କିମ୍ବା କଷ୍ଟରେ ପ୍ରପିଡ଼ିତ ହେବ ବରଂ ମୁଁ ତୁମମାନଙ୍କୁ ତାହା ଦେବି ଯଦ୍ୱାରା ତୁମମାନଙ୍କ ପାଇଁ ଶୁଭ ଓ ଲାଭ, ଫଳପ୍ରଦ ହେବ । ତୁମେମାନେ ଯେଉଁ ବସ୍ତୁର ଦାୟିତ୍ୱ ନେବାକୁ ଚାହୁଁଛ ତାହା ମୁଁ ତୁମମାନଙ୍କୁ ଦେଇପାରିବି ନାହିଁ ଯଦି ତୁମେ ମତେ କୌଣସି ଦାୟିତ୍ୱ ମାଗିନିଅ ତାହେଲେ ମୁଁ ତାହା ପ୍ରଦାନ କରିବିନାହିଁ ।

***(ସିରତୁନ୍ ନବୱିୟା, ପୃ-୭୪୪..... ଲେବ୍ନାନ୍ ୨୦୦୧)***

ହଜ୍ରତ୍ ଉମ୍ମେ ହାନିବ୍ ବିନ୍ତେ ଅବି ତାଲିବ୍ କୁହନ୍ତି: ହଜୁର ସ:ଆ:ସ ଯେତେବେଳେ ମକ୍କାର ଶିର୍ଷ ଭାଗରେ ଶିବିର ଲଗାଇଲେ ସେତେବେଳେ ବନି ମଖ୍ଜୁମ୍ ମଧ୍ୟରୁ ଜଣେ ଦୁଇଜଣ ମୋ ଶ୍ୱଶୁର ଘର ସମ୍ପର୍କୀୟ ଦଉଡ଼ି ମୋ ପାଖକୁ ଚାଲିଆସିଲେ । ଉମ୍ମେ ହାନି କହିଲେ ମୋର ଭାଇ ଅଲୀ ମୋ ପାଖକୁ ଆସିଲା ଏବଂ କହିଲା ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ସେହି ଦୁଇଜଣକୁ ବଦ୍ଧ କରିଦେବି । ହଜ୍ରତ୍ ଉମ୍ମେ ହାନି କୁହନ୍ତି ମୁଁ ସେହି ଦୁହିଁଙ୍କ ପାଇଁ ମୋ ଘରର ଦ୍ୱାର କିଳିଦେଲି ଏହାପରେ ମୁଁ ସ୍ୱୟମ ମକ୍କାର ଶୀର୍ଷ ଦେଶରେ ହଜୁର ସ:ଆ:ସଙ୍କ ଶିବିର ନିକଟକୁ ଆସିଲି ଏବଂ ଆପଣଙ୍କୁ ଏକ ପାଣିପାତ୍ର ମଧ୍ୟରେ ସ୍ନାନ କରୁଥିବାର ଦେଖିବାକୁ ପାଇଲି ସେହି ପାତ୍ରରେ ଚକଟା ଯାଉଥିବା ଅଟାର ଚିହ୍ନ ଲାଗିଥିଲା ଏବଂ ହଜୁର ସ:ଆ:ସଙ୍କ

ସୁପୁତ୍ରୀ ହଜ୍‌ରତ୍ ଫାତିମା ଏକ ବସ୍ତ୍ରକୁ ଧରି ହଜୁର ସ:ଆ:ସଙ୍କ ପାଇଁ ପରଦା କରିଥିଲେ । ସ୍ନାନ ପରେ ହଜୁର ସ:ଆ:ସ ନିଜର ବସ୍ତ୍ର ବଦଳାଇଲେ ଏହା ପରେ ପ୍ରଭାତର ଆଠ ରେକାତ୍ ନମାଜ ପାଠ କଲେ ଏହାପରେ ହଜୁର ସ:ଆ:ସ ମୋ ଆଡ଼କୁ ଚାହିଁଲେ ଏବଂ କହିଲେ ହେ ଉମ୍ମେ ହାନି! ତୁମକୁ ସ୍ୱାଗତ ଜଣାଉଛି ତୁମର ଆଗମନ କିପରି ହେଲା କେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଛ । ସେ କହିଲେ, ଏହି ଦୁଇଜଣ ବ୍ୟକ୍ତିଙ୍କ ବିଷୟରେ ହଜ୍‌ରତ୍ ଅଲୀ ର:ଅଙ୍କ ଚିନ୍ତାଧାରା ସମ୍ପର୍କରେ ଆପଣଙ୍କୁ ଅବଗତ କରିବାପାଇଁ କି ହଜ୍‌ରତ୍ ଅଲୀ ର:ଅ ଏହି ପରି ଅଯଥାରେ ଏହି ଦୁଇଜଣଙ୍କୁ ବନ୍ଧ କରିବାକୁ ଚାହୁଁଛନ୍ତି ଏବଂ ମୁଁ ସେମାନଙ୍କୁ ନିଜ ଘରେ ଶରଣ ଦେଇଛି । ହଜୁର ସ:ଆ:ସ କହିଲେ, ଯେଉଁମାନଙ୍କୁ ତୁମେ ଶରଣ ଦେଇଛ ମୁଁ ସେମାନଙ୍କୁ ଶରଣ ଦେଇଛି ଏବଂ ଯାହାକୁ ତୁମେ ଶାନ୍ତି ଦେଇଛ ସୁରକ୍ଷା ପ୍ରଦାନ କରିଛ ମୁଁ ମଧ୍ୟ ତାହାକୁ ସୁରକ୍ଷା ପ୍ରଦାନ କରୁଛି । ଅତଏବ ରସୁଲୁଲ୍ଲାଃ ସ:ଆ:ସ କହିଲେ ହଜ୍‌ରତ୍ ଅଲୀ ର:ଅ ସେହି ଦୁଇଜଣଙ୍କୁ ହତ୍ୟା କରିବେ ନାହିଁ । କହିବାର ତାତ୍ପର୍ଯ୍ୟ ଏହା ଥିଲା କି ହଜ୍‌ରତ୍ ଅଲୀ ର:ଅ ସେହି ଦୁଇଜଣଙ୍କୁ ବନ୍ଧ କରିବେନାହିଁ । ***(ସିରତୁନ୍ ନବଓ୍ୱିୟା, ପୃ- ୭୪୩-୭୪୪..... ଲେବ୍‌ନାନ୍ ୨୦୦୧)***

ହଜୁର ସ:ଆ:ସ ହୁଓ୍ୱେରସ୍ ବିନ୍ ନୁକୈଦକୁ ହତ୍ୟା କରିବାପାଇଁ ଆଦେଶ ନାମା ଜାରି କରିଥିଲେ କାରଣ ସେ ହଜୁର ସ:ଆ:ସଙ୍କୁ ମକ୍କାରେ ଅନେକ କଷଣ ଦେଇଥିଲା ଏବଂ ଆପଣଙ୍କୁ ଦୁଃଖ କଷ୍ଟ ଓ ଯନ୍ତ୍ରଣା ଦେବାଲାଗି ବହୁତ ବଡ଼ ବଡ଼ କଥା କହୁଥିଲା । ହଜୁର ସ:ଆ:ସଙ୍କ ଉପରେ ବ୍ୟଙ୍ଗ ବିଦ୍ରୁପ ଓ ସମାଲୋଚନା କରୁଥିଲା । ହଜୁର ସ:ଆ:ସଙ୍କର ଚଚା ଅବ୍‌ବାସ ଯେତେବେଳେ ହଜ୍‌ରତ୍ ଫାତିମା ଓ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କୁ ମକ୍କାରୁ ମଦିନା ପଠାଇବାପାଇଁ ଓଟ ଉପରେ ବସାଇଲେ ସେତେବେଳେ ହୁଓ୍ୱେରସ୍ ସେହି ଓଟକୁ ତଳେ ଖସାଇ ଦେଇଥିଲା । ମକ୍କା ବିଜୟ ଅବସରରେ ହଜ୍‌ରତ୍ ଅଲୀ ର:ଅ ଯେତେବେଳେ ହୁଓ୍ୱେରସ୍ ଖସି ଯିବାକୁ ଉଦ୍ୟମ କରିସାରିଥିଲା, ସେତେବେଳେ ହଜ୍‌ରତ୍ ଅଲୀ ର:ଅ ହୁଓ୍ୱେରସ୍‌କୁ ନୀହତ କରିଥିଲେ । ***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ- ୧୩୧..... ଲେବ୍‌ନାନ୍ ୨୦୦୨)***

ହୁନୈନ୍ ଯୁଦ୍ଧ ଯାହାକି ଆଠ ହିଜ୍‌ରୀରେ ଘଟିଥିଲା ସେହି ଅବସରରେ ହିଜ୍‌ରତ୍‌କାରୀଙ୍କ ଧ୍ୱଜା ହଜ୍‌ରତ୍ ଅଲୀ ର:ଅଙ୍କ ନିକଟରେ ଥିଲା । ହୁନୈନ ଯୁଦ୍ଧ ସମୟରେ ଯେତେବେଳେ ଘମାଘୋଟ ଯୁଦ୍ଧ ଚାଲିଥିଲା ଏବଂ ଅବିଶ୍ୱାସକାରୀଙ୍କର ଭୀଷଣ ଆକ୍ରମଣ ଯୋଗୁଁ ହଜୁର ସ:ଆ:ସଙ୍କ ଆଖପାଖରେ କେବଳ କିଛି ସାହାବାମାନେ ହିଁ ରହିଯାଇଥିଲେ । ସେତେବେଳେ ସେହି କେତେଜଣ ସାହାବାମାନଙ୍କ ମଧ୍ୟରେ ହଜ୍‌ରତ୍ ଅଲୀ ର:ଅ ମଧ୍ୟ ସାମିଲ ଥିଲେ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୮୪୦) (ତବକାତୁଲ୍ କୁବ୍‌ରା..... ଖଣ୍ଡ-୨, ପୃ- ୩୨୫...... ବେରୁତ ଲେବ୍‌ନାନ୍ ୧୯୯୬)***

ହୁନୈନ୍ ଯୁଦ୍ଧରେ ଅବିଶ୍ୱାସକାରୀଙ୍କ ଧାଡ଼ିର ଆଗରେ ନାଲି ଓଟ ଉପରେ ଆରୋହଣ କରିଥିବା ଜଣେ ବ୍ୟକ୍ତି ଯାହା ହସ୍ତରେ ଏକ କଳାରଙ୍ଗର ଧ୍ୱଜା ଥିଲା । ଉକ୍ତ ଧ୍ୱଜା ଟି ଲମ୍ବା ବର୍ଛା ଦ୍ୱାରା ବନ୍ଧା ହୋଇଥିଲା । ବନୁ ହଓ୍ୱାଜିନ୍‌ର ଲୋକମାନେ ଉକ୍ତ ବ୍ୟକ୍ତି ପଛରେ ଥିଲେ ଯଦି କୌଣସି ବ୍ୟକ୍ତି ଉକ୍ତ ଧ୍ୱଜା ସମ୍ପର୍କରେ ଆସୁଥିଲା ବା ସଂସ୍ପର୍ଶରେ ଆସୁଥିଲା ତେବେ ସେହି ବ୍ୟକ୍ତି ଶିଘ୍ର ତାହାକୁ ବର୍ଛା ଦ୍ୱାରା ହତ୍ୟା କରିଦେଉଥିଲା ଏବଂ ଯଦି ସେ ବର୍ଛାର ସଂସ୍ପର୍ଶରୁ ବର୍ତିଯାଉଥିଲା ତେବେ ସେ ନିଜ ପଛରେ ଥିବା ଲୋକମାନଙ୍କୁ ବର୍ଛା ଦ୍ୱାରା ଇଙ୍ଗିତ କରୁଥିଲା ଏବଂ ଲୋକମାନେ ତା ଉପରକୁ ଢ଼େଉ ପରି ମାଡ଼ି ଆସୁଥିଲେ ଏବଂ ସେମାନେ ସେହି ନାଲି ଓଟ ବ୍ୟକ୍ତି ପଛରେ ରହୁଥିଲେ । ସେହି ବ୍ୟକ୍ତିଜଣକ ଏହିପରି ଆକ୍ରମଣ କରୁଥିଲା କି ହଠାତ୍ ହଜ୍‌ରତ୍ ଅଲୀ ର:ଅ ଓ ଜଣେ ଅନ୍‌ସାରୀ ବ୍ୟକ୍ତି ତା ଆଡ଼କୁ ଦୃଷ୍ଟି ଆର୍କଷଣ କଲେ ଏବଂ ତାହାକୁ ବନ୍ଧ କରିବାପାଇଁ ଅଗ୍ରସର ହେଲେ । = ଉକ୍ତ ବ୍ୟକ୍ତିର ପଛପଟରୁ ଆସି ତା ଓଟର କୁଲ୍‌ହା ଅର୍ଥାତ ଚଟୁଆ ଉପରେ ଆକ୍ରମଣ କଲେ ଯଦ୍ୱାରା ଓଟ ଓଲଟା ମୁହାଁ ହୋଇ ତଳେ ପଡ଼ିଗଲା । ସେହି ସମୟରେ ସେହି ଅନ୍‌ସାରୀ ବ୍ୟକ୍ତି ଉକ୍ତ ଶତୃ ଉପରକୁ ଲମ୍ଫ ମାରିଲେ ଏବଂ ତୀକ୍ଷ୍ଣ ଆକ୍ରମଣ କରି ତାହାର ଗୋଡ଼ ଅର୍ଦ୍ଧଭାଗର ଗୋଇଠି କାଟି ଦେଇଥିଲେ । ଠିକ୍ ସେତିକି ବେଳେ ମୁସଲମାନମାନେ ଅବିଶ୍ୱାସକାରୀଙ୍କ ଉପରକୁ ଆକ୍ରମଣ କରିଦେଲେ । ***(ସିରତୁଲ୍, ହଲ୍‌ବିୟା, ଖଣ୍ଡ- ୩, ପୃ-୧୫୮...... ଲେବ୍‌ନାନ୍ ୨୦୦୨)***

ହଜ୍‌ରତ୍ ଅଲୀ ର:ଅଙ୍କ ବନୁ ତଇୟା ଆଡ଼କୁ ଯୁଦ୍ଧ ସମ୍ପର୍କରେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଦେଢ଼ଶହ ଯୋଦ୍ଧାଙ୍କ ସହିତ ବନୁ ତଇର ମୂର୍ତୀ ଫିଙ୍ଗି ଧୂଳିସାତ କରିବାପାଇଁ ପ୍ରେରଣ କରିଥିଲେ । ବନୁ ତଇର ଅଂଚଳ ମଦିନାର ଉତର ପୂର୍ବରେ ଅବସ୍ଥିତ ଥିଲା । ଉକ୍ତ ସରିଆ ଅର୍ଥାତ ଯୁଦ୍ଧ ପାଇଁ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଏକ କଳାରଙ୍ଗର ଦୀର୍ଘ ଧ୍ୱଜା ଓ ଧଳା ରଙ୍ଗର ଛୋଟ ଧ୍ୱଜା ପ୍ରଦାନ କରିଥିଲେ । ହଜ୍‌ରତ୍ ଅଲୀ ର:ଅ ସକାଳ ବେଳେ ହାତିମ୍ ବଂଶ ଉପରେ ଆକ୍ରମଣ କଲେ ଏବଂ ସେମାନଙ୍କ ମୂର୍ତିଗୁଡ଼ିକୁ ଭାଙ୍ଗି ଧୂଳିସାତ କରିଦେଲେ । ହଜ୍‌ରତ୍ ଅଲୀ ର:ଅ ବନୁ ତଇ ସମ୍ପ୍ରଦାୟରୁ ବିପୁଳ ପରିମାଣରେ ମାଲେ ଗନିମତ ଓ କଏଦୀ ଧରି ମଦିନା ଫେରିଥିଲେ । ***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୨, ପୃ-୩୩୧..... ବେରୁତ ଲେବ୍‌ନାନ୍ ୧୯୯୬)***

ରଜବ ମାସ ନଅ ହିଜ୍‌ରୀରେ ତବୁକ୍ ଯୁଦ୍ଧ ଘଟିଥିଲା । ଏ ସଂକ୍ରାନ୍ତରେ ଏକ ବର୍ଣ୍ଣନା ରହିଛି ଯେ ମୁସ୍‌ଅବ୍ ବିନ୍ ସାଆଦ୍ ନିଜର ପିତାଙ୍କଠାରୁ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ତବୁକ୍ ଯୁଦ୍ଧ ପାଇଁ ବାହାରିଲେ ଏବଂ ହଜ୍‌ରତ୍ ଅଲୀ ର:ଅଙ୍କୁ ମଦିନାରେ ନିଜର ଉତରାଧିକାରୀ ରୂପେ ନିଯୁକ୍ତ କରିଥିଲେ । ହଜ୍‌ରତ୍ ଅଲୀ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍! ଆପଣ ମତେ ମହିଳା ଓ ପିଲାମାନଙ୍କ ପଛରେ ଛାଡ଼ି ଯାଉଛନ୍ତି । ହଜୁର ସ:ଆ:ସ କହିଲେ, କଣ ତୁମେ ଏକଥାରେ ଖୁସି ନାହଁ ଯେ ତୁମର ମର୍ଯ୍ୟାଦା ମୋ ନିକଟରେ ଠିକ୍ ସେହିପରି ଯେପରି ମର୍ଯ୍ୟାଦା ହାରୁନ୍ ଆ:ସଙ୍କର ମୁସାଙ୍କ ନିକଟରେ ଥିଲା କିନ୍ତୁ ମୋ ପରେ କୌଣସି ନାହାନ୍ତି ଅର୍ଥାତ ନବୀ ନାହାନ୍ତି । ***(ସିରତ୍ ଖାତ୍‌ମୁନ୍ ନବିୟିନ୍.......... ପୃ-୮୪୨) (ସହୀ ବୁଖାରୀ...... ହଦିସ୍ ନଂ-୪୪୧୬)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଉକ୍ତ ଘଟଣାକୁ ବର୍ଣ୍ଣନା କରି କୁହନ୍ତି ରସୁଲୁଲ୍ଲାଃ ସ:ଆ:ସ ଏକଦା ଯୁଦ୍ଧ ପାଇଁ ବାହାରିଲେ ହଜ୍‌ରତ୍ ଅଲୀ ର:ଅଙ୍କୁ ନିଜ ପଛରେ ଛାଡ଼ି ବା ନିଯୁକ୍ତ କରି ବାହାରିଲେ । ପଛରେ କେବଳ କପଟବିଶ୍ୱାସୀମାନେ ହିଁ ରହିଗଲେ ଏହି କାରଣରୁ ହଜ୍‌ରତ୍ ଅଲୀ ର:ଅ ଅଧିର ହୋଇ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍! ମତେ ଆପଣ ନିଜ ସାଙ୍ଗରେ ନେଇ ଚାଲନ୍ତୁ । ହଜୁର ସ:ଆ:ସ ହଜ୍‌ରତ୍ ଅଲ୍ଲୀଙ୍କୁ ସାନ୍ତ୍ୱନା ଦେଇ କହିଲେ **ଆଲା ତରଜା ଅନ୍ ତକୁନା ମିନ୍ନି ବିମନ୍‌ଜିଲତି ହାରୁନା ମିମ୍ ମୁସା ଇଲ୍ଲା ଅନ୍ନହୁ ଲୈସା ନବିଉନ୍ ବାଦି** ଅର୍ଥାତ ହେ ଅଲୀ ଯେପରି ହାରୁନ୍ ଆ:ସ ମୁସାଙ୍କ ସହିତ ସାଦୃଶ୍ୟତା ଥିଲା ଠିକ୍ ସେହିପରି ତୁମକୁ ମୋ ସହିତ ସାଦୃଶ୍ୟତା ରହିଛି ତୁମେ ମଧ୍ୟ ହାରୁନ୍ ଆ:ସଙ୍କ ପରି ମୋ ପରି ଖଲିଫା ହେବ କିନ୍ତୁ ଏହି ସାଦୃଶ୍ୟତା ସତ୍ୱେ ତୁମେ ନବୀ ହୋଇପାରିବ ନାହିଁ । ***(ଖିଲାଫତେ ରାଶଦା, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧୫, ପୃ- ୫୭୯)***

ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ୟମନ୍ ଅଭିମୁଖେ ପ୍ରେରଣ କରିବା ସମ୍ପର୍କରେ ଉଲ୍ଲେଖ ରହିଛି ଯେ ଦଶ ହିଜ୍‌ରୀରେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ୟମନ୍ ଆଡ଼କୁ ପ୍ରେରଣ କରିଥିଲେ । ହଜ୍‌ରତ୍ ଅଲୀ ର:ଅଙ୍କ ପୂର୍ବରୁ ହଜୁର ସ:ଆ:ସ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର:ଅଙ୍କୁ ତାଙ୍କ ଆଡ଼କୁ ପ୍ରେରଣ କରିଥିଲେ କାରଣ ସେ ୟମନ୍ ବାସୀଙ୍କୁ ଇସ୍‌ଲାମ୍ ଆଡ଼କୁ ଆମନ୍ତ୍ରିତ କରିଥିଲେ କିନ୍ତୁ ସେମାନେ ଏହାକୁ ପ୍ରତ୍ୟାଖାନ କରିଥିଲେ । ଏହାପରେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅ ଙ୍କୁ ୟମନ୍ ଆଡ଼କୁ ପ୍ରେରଣ କରିଥିଲେ । ହଜ୍‌ରତ୍ ଅଲୀ ର:ଅ ୟମନ୍ ବାସୀଙ୍କୁ ହଜୁର ସ:ଆ:ସଙ୍କ ପତ୍ର ପଢ଼ି ଶୁଣାଇଲେ ଫଳତଃ ସମଗ୍ର ହମ୍‌ଦାନ୍ ବାସୀ ଗୋଟିଏ ଦିନରେ ହିଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲେ । ହଜ୍‌ରତ୍ ଅଲୀ ର:ଅ ହମ୍‌ଦାନ୍ ବାସୀଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସମ୍ପର୍କରେ ହଜୁର ସ:ଆ:ସଙ୍କୁ ପତ୍ର ଲେଖିଲେ । ହଜୁର ସ:ଆ:ସ ତିନିଥର ଏହି ବାକ୍ୟଟିକୁ ପୁନରାବୃତି କଲେ କି ହମ୍‌ଦାନ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ, ହମ୍‌ଦାନ ମଦିନାଠାରୁ ପ୍ରାୟ ୧୧୫୦ କିମି ଦୁରତାରେ ୟମନ୍‌ର ଦକ୍ଷୀଣପୂର୍ବରେ ଅବସ୍ଥିତ ଏକ ସହର । ଏହାପରେ ୟମନ୍ ବାସୀ ମଧ୍ୟ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲେ ଏବଂ ହଜ୍‌ରତ୍ ଅଲୀ ର:ଅ ଏହି ସକ୍ରାନ୍ତରେ ହଜୁର ସ:ଆ:ସଙ୍କୁ ପତ୍ର ଲେଖିଲେ ପ୍ରତିଉତରରେ ହଜୁର ସ:ଆ:ସ ସଜ୍‌ଦାଏ ସୁକର୍ ଅର୍ଥାତ କୃତଜ୍ଞତା ମୂଳକ ପ୍ରଣିପାତ କଲେ । ***(ଅଲ୍‌କାମିଲ୍ ଫିଲ୍ ତାରିଖ୍, ଖଣ୍ଡ-୨, ପୃ-୧୬୮..... ଲେବ୍‌ନାନ୍ ୨୦୦୬) (ଗଜ୍‌ଓ୍ୱାତ୍ ଓ୍ୱ ସରାୟା.... ପୃ- ୫୫୦... ସାହିଓ୍ୱାଲ୍ ୨୦୧୮)***

ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରନ୍ତି ରସୁଲୁଲ୍ଲାଃ ସ:ଆ:ସ ମତେ ୟମନ୍ ଆଡ଼କୁ କାଜି ରୂପେ ନିଯୁକ୍ତ କରି ପ୍ରେରଣ କରିଥିଲେ ତେବେ ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍! ଆପଣ ମତେ ପ୍ରେରଣ କରୁଛନ୍ତି ଏବଂ ମୁଁ ତ ଜଣେ ଯୁବକ ଏବଂ ମୁଁ ନ୍ୟାୟପାଳ ସମ୍ପର୍କରେ ଅବା ନ୍ୟାୟ ବିଚାର ସମ୍ପର୍କରେ କୌଣସି କଥା ଜାଣେନାହିଁ ପ୍ରତ୍ୟୁତରରେ ହଜୁର ସ:ଆ:ସ କହିଲେ ନିଃସନ୍ଦେହ ଅଲ୍ଲାଃ ତାଲା ତୁମର ହୃଦୟକୁ ନିଶ୍ଚିତ ରୂପେ ଉନ୍ମୁକ୍ତ କରିଦେବେ ଏବଂ ତୁମର ମାର୍ଗ ଦର୍ଶନ କରିବେ । ତୁମ ତୁଣ୍ଡକୁ ଅବିଚଳିତ କରିବେ ନାହିଁ । ସୁତରାଂ ଯେତେବେଳେ ତୁମ ଆଗରେ ଦୁଇଜଣ କଳହକାରୀ ବ୍ୟକ୍ତି ବସିବେ ସେତେବେଳେ ତୁମେ ଦୁଇ ପକ୍ଷର କଥାକୁ ନ ଶୁଣି କେବେ ବି ନିଷ୍ପତି ଦେବନାହିଁ । ଏପରି କରିବା ଦ୍ୱାରା ସେହି କଥାକୁ ଅଧିକ ଶ୍ରେୟସ୍କର ହେବ ଯେ ତୁମପାଇଁ ନ୍ୟାୟ ସ୍ପଷ୍ଟ ହୋଇଯିବ । ହଜ୍‌ରତ୍ ଅଲୀ ର:ଅ କୁହନ୍ତ ଏହାପରେ ମତେ ନ୍ୟାୟ ଦେବାରେ କୌଣସି ଅସୁବିଧା କିମ୍ବା ସଙ୍କୋଚ ହୋଇନଥିଲା । ***(ସୁନନେ ଅବୁ ଦାଉଦ୍..... ହଦିସ୍ ନଂ-୩୫୮୨)***

ହଜ୍‌ରତ୍ ଉମ୍‌ରୋ ବିନ୍ ଶାଆସ୍ ଅସ୍‌ଲମି ଯିଏ ସୁଲାଃ ହୁଦବିୟାର ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଜଣେଥିଲେ ସେ ବର୍ଣ୍ଣନା କରନ୍ତି ଯେ ମୁଁ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ୟମନ୍ ଆଡ଼କୁ ବାହାରିଲି ଯାତ୍ରା ସମୟରେ ସେ ମୋ ପ୍ରତି କଠୋରତା ପ୍ରଦର୍ଶନ କରିଥିଲେ ଏପରିକି ମୁଁ ତାଙ୍କ ବିଷୟରେ ନିଜ ମନରେ ଅନେକ କଥା ଭାବୁଥିଲି ଅର୍ଥାତ ମୋ ମନରେ ଅନେକ କଥା ଉଙ୍କି ମାରିଥିଲା ଅତଏବ ମୁଁ ଯେତେବେଳେ ୟମନ୍‌ରୁ ଫେରିଲି ସେତେବେଳେ ମୁଁ ତାଙ୍କ ବିରୁଦ୍ଧରେ ମସ୍‌ଜିଦ୍‌ରେ ଏହି ଅଭିଯୋଗ କଲି ଏବଂ ହଜୁର ସ:ଆ:ସଙ୍କ ନିକଟରେ ପହଂଚି ତାଙ୍କ ବିଷୟରେ ଅଭିଯୋଗ କରିଥିଲି । ଦିନେ ମୁଁ ମସ୍‌ଜିଦ୍‌ରେ ପ୍ରବେଶ କଲି ଏବଂ ହଜୁର ସ:ଆ:ସ ସେତେବେଳେ ନିଜର କିଛି ସାହାବାଙ୍କ ସହିତ ବସିଥିଲେ । ହଜୁରଙ୍କ ଦୃଷ୍ଟି ଯେତେବେଳେ ମୋ ଉପରେ ପଡ଼ିଲା ସେତେବେଳେ ହଜୁର ସ:ଆ:ସ ମତେ ଧ୍ୟାନପୂର୍ବକ ଦେଖିଲେ । ଉମ୍‌ରୋ ର:ଅ କୁହନ୍ତି ହଜୁର ସ:ଆ:ସ ମତେ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ ଏପରିକି ମୁଁ ଯେତେବେଳେ ବସିଲି ସେତେବେଳେ ହଜୁର ସ:ଆ:ସ କହିଲେ ହେ ଉମ୍‌ରୋ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତୁମେ ମତେ ବହୁତ ପୀଡ଼ା ଦେଇଛ । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍! ମୋ ପାଇଁ ଯଦି ଆପଣଙ୍କୁ କୌଣସି କଷ୍ଟ ପହଂଚିଛି ତାହେଲେ ମୁଁ ଏଥିପାଇଁ ଅଲ୍ଲାଃ ତାଲାଙ୍କ ଶରଣ ଭିକ୍ଷା କରୁଛି । ହଜୁର କହିଲେ, ଯିଏ ହଜ୍‌ରତ୍ ଅଲୀ ର:ଅଙ୍କୁ ପୀଡ଼ା ଦେଇଛି ସେ ମତେ ମଧ୍ୟ ପୀଡ଼ା ଦେଉଛି । ଉପରୋକ୍ତ ବର୍ଣ୍ଣନା ଯାହା ମୁଁ ବର୍ଣ୍ଣନା କଲି ତାହା ମୁସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲର

ଅଟେ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ, ଖଣ୍ଡ-୫, ପୃ-୪୭୮-୪୭୯, ହଦିସ୍ ନଂ-୧୬୦୫୬.... ବେରୁତ ୧୯୯୮)***

ପରବର୍ତୀ ବର୍ଣ୍ଣନା ହେଉଛି ହଜ୍‌ରତ୍ ଅବୁ ସଇଦ୍ ଖୁଦ୍‌ରି ର:ଅଙ୍କର ଯିଏ କୁହନ୍ତି ଏକ ଅବସରରେ ଲୋକମାନେ ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କ ବିରୁଦ୍ଧରେ ହଜୁର ସ:ଆ:ସଙ୍କ ନିକଟରେ ଅଭିଯୋଗ କଲେ, ହଜୁର ସ:ଆ:ସ ସେତେବେଳେ ଆମମାନଙ୍କୁ ସମ୍ବୋଧିତ କରିବାପାଇଁ ଛିଡ଼ା ହେଲେ । ମୁଁ ହଜୁରଙ୍କୁ ଏହା କହୁଥିବାର ଶୁଣିଲି କି ହେ ଲୋକମାନେ ! ତୁମେମାନେ ହଜ୍‌ରତ୍ ଅଲୀ ର:ଅଙ୍କ ବିରୁଦ୍ଧରେ ଅଭିଯୋଗ କରନାହିଁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଅଲ୍ଲାଃ ତାଲାଙ୍କ ସତାଙ୍କ ବିଷୟରେ ସର୍ବାଧିକ ଭୟ କରିବା ବ୍ୟକ୍ତି ଅର୍ଥାତ ଅଲ୍ଲାଃଙ୍କୁ ସବୁଠାରୁ ଅଧିକ ଭୟ କରୁଥିବା ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଅଲୀ ର:ଅ । ତେଣୁ ତାଙ୍କ ବିରୋଧରେ ଅଭିଯୋଗ କରିବା ଅନୁଚିତ । ***(ସିରତୁନ୍ ନବୱିୟା, ପୃ-୮୬୭-୮୬୮..... ଦାରୁଲ୍ କୁତ୍‌ବୁଲ୍ ଅଲ୍‌ମିୟା ୨୦୦୧)***

ହଜ୍‌ରତ୍ ଅଲୀ ର:ଅଙ୍କ ସମ୍ପର୍କରେ ଏହି ଚର୍ଚ୍ଚାଟି ଅବ୍ୟାହତ ରହିଛି ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ତାହା ଜାରି ରହିବ ।

ଆଜି ମୁଁ ଏକ ଦୁଆ ଆଡ଼କୁ ଆପଣମାନଙ୍କୁ ଧ୍ୟାନ ଆକର୍ଷିତ କରିବାକୁ ଚାହେଁଛି । ଗତ ଖୁତ୍‌ବାରେ ମୁଁ ଅଲ୍ ଜଜାଏର୍ ସଂପର୍କରେ ଚର୍ଚ୍ଚା କରିନଥିଲି । ସେଠାରେ ମଧ୍ୟ ଅହେମଦୀମାନଙ୍କ ଉପରେ ବହୁତ ଅନ୍ୟାୟ ଅତ୍ୟାଚାର ହେଉଛି ଏଭଳି ଜଟିଳ ପରିସ୍ଥିତିରେ କେତେକ ଅହେମଦୀମାନଙ୍କୁ ବନ୍ଦୀ ମଧ୍ୟ କରିଦିଆଯାଇଛି । ସେମାନଙ୍କ ପାଇଁ ଦୁଆ କରନ୍ତୁ କାରଣ ଅଲ୍ଲାଃ ତାଲା ସେମାନଙ୍କ ପାଇଁ ସହଜତା ମୂଳକ ପରିସ୍ଥିତି ଉତ୍ପନ୍ନ କରନ୍ତୁ ଏବଂ ବନ୍ଦୀ ମାନଙ୍କୁ ଖୁବ୍ ଶିଘ୍ର କାରାମୁକ୍ତ ହେବାର ସାଧନ ଉତ୍ପନ୍ନ କରିଦିଅନ୍ତୁ । ସେଠାରେ ଯେଉଁ ଜଟିଳ ପରିସ୍ଥିତି ଉପୁଜିଛି ଅଲ୍ଲାଃ ତାଲା ପ୍ରଶାସକମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ନ୍ୟାୟ ବିଚାରକ ଭାବରେ ଅହେମଦୀମାନଙ୍କର ଅଧିକାର ସେମାନଙ୍କୁ ପ୍ରଦାନ କରନ୍ତୁ । ଏହିପରି ପାକିସ୍ତାନର ଯେଉଁ ପରିସ୍ଥିତି ରହିଛି ତାହା ମଧ୍ୟ ଅତି ଜଟିଳ । କେତେକ ଅହେମଦୀମାନେ ମତେ ବ୍ୟକ୍ତିଗତରୂପେ ଲେଖିଛନ୍ତି ଏଭଳି କେତେକ ଉଚ୍ଚ ପଦାଧିକାରୀମାନେ ଅଛନ୍ତି ଯେଉଁମାନେ ମୌଲବୀ ମାନଙ୍କ ପଛେ ଚାଲି ଅଲ୍ଲାଃ ତାଲାଙ୍କୁ ଭୁଲି ବସିଛନ୍ତି । ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଯଦି ଏମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ ନ କରନ୍ତି କିମ୍ବା ଏମାନଙ୍କ ଭାଗ୍ୟରେ ଏହି ହତଭାଗ୍ୟତା ଲେଖାଅଛି ଏବଂ ଯଦି ଏମାନେ ଅହେମଦୀମାନଙ୍କ ବିପକ୍ଷରେ ଏହିପରି ଆଚରଣ ପ୍ରଦର୍ଶନ କରିଚାଲନ୍ତି ତାହେଲେ ସେମାନେ ଅଲ୍ଲାଃ ତାଲାଙ୍କ ଦଣ୍ଡ ବିଧାନର ଅଧିକାରୀ ହେବେ ଏବଂ ତାଙ୍କ ଦଣ୍ଡରେ କବଳିତ ହେବେ ତେଣୁ ଅଲ୍ଲାଃ ତାଲା ସେମାନଙ୍କୁ ଏଥିରୁ ଉଦ୍ଧାର କରୁ ଏବଂ ଅହେମଦୀମାନଙ୍କ ପାଇଁ ସହଜତା ସୃଷ୍ଟିକରନ୍ତୁ ।

ନମାଜ ପରେ ମୁଁ ଏକ ଯନାଜାଃ ମଧ୍ୟ ପଢ଼ାଇବି ଯାହାକି ସମ୍ମାନୀୟ ସ୍ୱର୍ଗତ ରସିଦ୍ ଅହେମଦ୍ ସାହେବ୍ ଇବ୍‌ନେ ମୁହମ୍ମଦ ଅବ୍‌ଦୁଲ୍ଲାଃ ସାହେବ ରବ୍ୱାଙ୍କର ଅଟେ । ସ୍ୱର୍ଗତ ରସିଦ୍ ସାହେବ ତାହେର୍ ନଦିମ୍ ସାହେବ ଯିଏ ଆମ ଆରବୀ ଡ଼େସ୍କର ମୁବ୍‌ଲିଗ୍ ଇନ୍‌ଚାର୍ଜ ଅଟନ୍ତି ତାଙ୍କ ପିତା ଥିଲେ ଗତ ଅକ୍ଟୋବର ମାସ ୨୮ ତାରିଖ ଦିନ ୭୬ ବର୍ଷ ବୟସରେ ତାଙ୍କର ନିଧନ ହୋଇଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।*

ସ୍ୱର୍ଗତଙ୍କ ବଂଶରେ ଅହେମଦୀୟତ ତାଙ୍କ ଦଦା ହଜ୍‌ରତ୍ ଅବ୍‌ଦୁଲ୍ଲ ଗଫୁର୍ ସାହେବଙ୍କ ମାଧ୍ୟମରେ ଆସିଥିଲା । ଯିଏ ନିଜର ମାଉସି ପୁଅ ହଜ୍‌ରତ୍ ମୌଲବୀ ଅଲ୍ଲାଃଦତା ସାହେବଙ୍କ ସହିତ ୧୮୯୧ ଓ ୯୨ ମସିହାରେ କାଦିୟାନ୍ ଯାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହସ୍ତରେ ବୟତ କରିଥିଲେ । ହଜ୍‌ରତ୍ ମୌଲବୀ ଆଲ୍ଲାଦତା ସାହେବ ଜଣେ ଶିକ୍ଷିତ ଓ ବିଦ୍ୱାନ ଥିଲେ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମସିହ୍ ମଉଦ୍ ହେବାର ଦାବି ପୂର୍ବରୁ ମଧ ତାଙ୍କ ସହିତ ଦେଖା ସାକ୍ଷାତ କରୁଥିଲେ । ସେ ସ୍ୱପ୍ନରେ ଦେଖିଥିଲେ କି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଧ୍ୱଜା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହସ୍ତରେ ରହିଛି । ଅତଏବ ହଜ୍‌ରତ୍ ମୌଲବୀ ଅଲାଦାତା ସାହେବ୍ ନିଜର ମାଉସି ପୁଅ ହଜ୍‌ରତ୍ ମୌଲବୀ ସ୍ୱର୍ଗତ ଅବ୍‌ଦୁଲ୍ଲ ଗଫୁର୍ ସାହେବ ଯିଏ ମୃତକଙ୍କ ଜେଜ ଥିଲେ, ତାଙ୍କୁ ସାଙ୍ଗରେ ଧରି କାଦିଆନ୍ ଗଲେ ଏବଂ ଦୁହେଁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ହସ୍ତରେ ବୟତ କରିନେଇଥିଲେ । ପରେ ସ୍ୱର୍ଗତ ମୌଲବୀ ଅଲାଦତା ସାହେବ ର:ଅଙ୍କ ତବ୍‌ଲିଗ୍ ବଳରେ ଅଲୀପୁର ଓ ମୁଲ୍‌ତାନ୍ ସହରର ହସନ୍‌ପୁରଠାରେ ଅନେକ ଲୋକମାନେ ଅହେମଦୀ ହୋଇଥିଲେ । ସ୍ୱର୍ଗତ ରସିଦ୍ ସାହେବଙ୍କୁ ଦୀର୍ଘ ବର୍ଷ ଧରି ପାକିସ୍ତାନ ର ବାହଓ୍ୱଲ୍‌ପୁର ଜିଲ୍ଲାରେ ସ୍ଥିତ ଯମାତ୍‌ର ସେକ୍ରେଟାରୀ ମାଲ୍ ରୂପେ ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । ସ୍ୱର୍ଗତ ରସିଦ୍ ସାହେବ ଅତ୍ୟନ୍ତ ପୂଣ୍ୟ ସ୍ୱଭାବ, ଅତି ଅତିଥିପ୍ରୀୟ ଏବଂ ସହାନୁଭୂତି ପୂର୍ଣ୍ଣ ବ୍ୟକ୍ତି ଥିଲେ । ଆତ୍ମିୟ ସମ୍ପର୍କୀୟ ଓ ସାହି ପଡିଶାର ଅଭାବି ବ୍ୟକ୍ତିଙ୍କ ସହିତ ଉତମ ସମ୍ପର୍କ ରଖିଥିଲା । ସ୍ୱର୍ଗତ ରସିଦ୍ ସାହେବଙ୍କ ପରିବାରରେ ତାଙ୍କ ପତ୍ନୀ ସିଦ୍ଦିକା ବେଗମ୍ ସାହିବା ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି କାଦିର୍ ବକ୍ସ ସାହେବଙ୍କ ନାତୁଣୀ ଅଟନ୍ତି । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତ ରସିଦ୍ ସାହେବ ମୁସି ଥିଲେ ଏହା ବ୍ୟତିତ ସ୍ୱର୍ଗତ ରସିଦ୍ ସାହେବଙ୍କ ପରିବାରରେ ତାଙ୍କ ସନ୍ତାନମାନେ ରହିଛନ୍ତି । ସ୍ୱର୍ଗତ ରସିଦ୍ ସାହେବଙ୍କ ପତ୍ନୀଙ୍କ ବ୍ୟତିତ ତିନିଜଣ କନ୍ୟା ଓ ଦୁଇଜଣ ପୁତ୍ର ରହିଛନ୍ତି । ଯେପରିକି ମୁଁ କହିଲି ସ୍ୱର୍ଗତ ରସିଦ୍ ସାହେବଙ୍କ ସୁପୁତ୍ର ଜଣେ ୱକ୍‌ଫେ ଜିନ୍ଦଗୀ ଏବଂ ଏଠାରେ ଆର୍ବିଡ଼େସ୍କରେ ସେବା ସମ୍ପାଦନ କରୁଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତ ରସିଦ୍ ସାହେବଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

କରିବା ସହିତ କବଚ ମଧ୍ୟ ତାଙ୍କୁ ଫେରସ୍ତ କରିଦେଇଥିଲେ । ହଜ୍‌ରତ୍ ଅଲୀ ର:ଅ ଉକ୍ତ ରାଶି ଆଣି ହଜୁର ସ:ଆ:ସଙ୍କ କୋଳରେ ରଖିଦେଲେ । ସେଥିରୁ ମୁଠାଏ ହଜୁର ସ:ଆ:ସ ହଜ୍‌ରତ୍ ବିଲାଲ୍‌ଙ୍କୁ ଦେଇ କହିଲେ, ଏଥିରେ କିଛି ସୁଗନ୍ଧ କିଣିଆଣ ଏବଂ କିଛି ଲୋକଙ୍କୁ କହିଲେ, ହଜ୍‌ରତ୍ ଫାତିମାଙ୍କ ଆସବାବର ବ୍ୟବସ୍ଥା କର । ଅତଏବ ତାଙ୍କ ପାଇଁ ଏକ ଖଟିଆ, ଚମଡ଼ାର ଏକ ତକିଆ ଯେଉଁଥିରେ ଖଜୁରୀର ଛାଲ ଭରିଥିଲା ଆଦି ଜିନିଷପତ୍ରର ବ୍ୟବସ୍ଥା କଲେ । ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅଲୀ ର:ଅଙ୍କ ସହ ସମ୍ପର୍କ ଯୋଡ଼ିବା ସମୟରେ ହଜୁର ସ:ଆ:ସ କହିଲେ, ପ୍ରଭୁ ମୋତେ ଏପରି କରିବାକୁ ଆଦେଶ ଦେଇଛନ୍ତି । ଝିଅ ବିଦା ହେବା ବେଳେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ, ହଜ୍‌ରତ୍ ଫାତିମା ର:ଅ ଯେତେବେଳେ ତୁମ ନିକଟକୁ ଆସିବେ ଏବଂ ମୁଁ ଯେପର୍ଯ୍ୟନ୍ତ ତୁମ ଦୁହିଁଙ୍କ ନିକଟକୁ ନ ଆସିଛି ସେ ପର୍ଯ୍ୟନ୍ତ ତୁମେ ଫାତିମାଙ୍କ ସହିତ କଥାବାର୍ତା ହେବନାହିଁ । ଯେତେବେଳେ ହଜୁର ସ:ଆ:ସ ଆସିଲେ, ସେତେବେଳେ ହଜ୍‌ରତ୍ ଫାତିମା ର:ଅଙ୍କୁ କହିଲେ ମୋ ପାଇଁ ଜଳ ଆଣିଦିଅ ସେ ଯାଇ ଜଳ ଆଣିଲେ ଏବଂ ହଜୁର ସ:ଆ:ସ ତାହାକୁ ଧରିଲେ ଏବଂ ସେଥିରେ କୁଳି କଲେ ଏହାପରେ ହଜ୍‌ରତ୍ ଫାତିମା ର:ଅଙ୍କ ମୁଣ୍ଡ ଉପରେ ଜଳ ସିଂଚନ କଲେ ଏବଂ ଆର୍ଶିବାଦ ଦେଇ କହିଲେ **ଅଲ୍ଲାହୁମ୍ମା ଇନ୍ନି ଉଇଜୁହା ବିକା ୱ ଜୁର୍‌ରିୟତହା ମିନଶ୍ ଶଇତାନିର୍ ରଜିମ୍** ଅର୍ଥାତ ହେ ଅଲ୍ଲାଃ ଫାତିମାଙ୍କୁ ଓ ତା'ର ସନ୍ତାନ ସନ୍ତତିଙ୍କୁ ସଇତାନର କବଳରୁ ରକ୍ଷା କରି ନିଜ ଶରଣରେ ସ୍ଥାନ ଦେବ । ହେ ହଜୁର ସ:ଆ:ସ ପୁନଶ୍ଚ କହିଲେ କି ଦ୍ୱିତୀୟ ପାର୍ଶ୍ୱ ଆଡ଼କୁ ମୁହଁ କର । ପୁନଶ୍ଚ ସେମାନେ ଯେତେବେଳେ ଦ୍ୱିତୀୟ ପାର୍ଶ୍ୱ ଆଡ଼କୁ ମୁହଁ କଲେ ସେତେବେଳେ ହଜୁର ସ:ଆ:ସ ସେମାନଙ୍କ କାନ୍ଧ ଉପରେ ଜଳ ସିଂଚନ କଲେ । ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କ ସହିତ ମଧ୍ୟ ଏହିପରି ବ୍ୟବହାର ପୁନରାବୃତି କରିଥିଲେ । ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ, ନିଜ ପତ୍ନୀଙ୍କ ନିକଟକୁ ଯାଅ ଏବଂ ପ୍ରଭୁଙ୍କ ନାମ ନେଇ ତାଙ୍କ ନିକଟରୁ ବର୍‌କତ୍ ଅନ୍ୱେଷଣ କର ।

ଆଉ ଏକ ବର୍ଣ୍ଣନାରେ ଦରଜ ରହିଛି ହଜ୍‌ରତ୍ ଅଲୀ ର:ଅ କୁହନ୍ତି ହଜୁର ସ:ଆ:ସ ଏକ ପାତ୍ରରେ ଉଜୁ କଲେ ସେଥିଅନ୍ତେ ସେହି ଜଳକୁ ହଜ୍‌ରତ୍ ଅଲୀ ଓ ଫାତିମାଙ୍କ ଉପରେ ଛିଂଚିଲେ ଏବଂ କହିଲେ: **ଅଲ୍ଲାହୁମ୍ମା ବାରିକ୍ ଫିହିମାଓ୍ୱ ବାରିକ୍ ଲହୁମା ଫି ଶମ୍‌ଲି ହିମା** ଅର୍ଥାତ ହେ ପ୍ରଭୁ ଏହି ଦୁହିଁଙ୍କୁ ବର୍‌କତ୍ ପ୍ରଦାନ କର ଏବଂ ଏହି ଦୁହିଁଙ୍କ ଏକାଠି ହେବାରେ ମଧ୍ୟ ବର୍‌କତ୍ ରଖିଦିଅ ।

ହଜ୍‌ରତ୍ ଆଇଶା ଓ ହଜ୍‌ରତ୍ ଉମ୍ମେ ସଲ୍‌ମା କୁହନ୍ତି । ହଜୁର ସ:ଆ:ସ ଆମକୁ ନିର୍ଦ୍ଦେଶ ଦେଲେ ଯେ ଯାଅ ଫାତିମାଙ୍କ ଶିଙ୍ଗାର କରିଦିଅ । ଏପରିକି ଆମେ ତାଙ୍କୁ ହଜ୍‌ରତ୍ ଅଲୀଙ୍କ ନିକଟକୁ ନେଇଗଲୁ ଅତଏବ ଆମେ ତାଙ୍କୁ ବତହାର୍‌ର ନରମ ମାଟିରେ ଶିଙ୍ଗାରି ଦେଲୁ ଏବଂ ଖଜୁରୀର ସୁକ୍ଷ୍ମ କେଶରେ ତାଙ୍କ ପାଇଁ ଦୁଇଟି ତକିଆ ପ୍ରସ୍ତୁତ କଲୁ । ପୁନଶ୍ଚ ଆମେ ଖଜୁରୀ ଓ କିସ୍‌ମିସ୍ ପ୍ରଜାତିର ଏକ ଫଳ ଖାଇବା ନିମନ୍ତେ ପ୍ରସ୍ତୁତ କଲୁ ଏବଂ ପାନ କରିବା ନିମନ୍ତେ ମିଠା ପାନୀୟର ବ୍ୟବସ୍ଥା କଲୁ । ଗୋଟିଏ କାଠ ନେଲୁ ଏବଂ କୋଠରୀର ଗୋଟିଏ କୋଣରେ ଟାଙ୍ଗି ଦେଲୁ ଯଦ୍ୱାରା ସେମାନେ ନିଜ ବସ୍ତ୍ର ଆଦି ସେଥିରେ ଲଟକାଇ ପାରିବେ ଏବଂ ଜଳପାତ୍ର ମଧ୍ୟ ଓହଳାଇ ଦେବେ ଆମେ ଫାତିମାଙ୍କ ବିବାହଠାରୁ ସୁନ୍ଦର ଓ ମନଛୁଆଁ ଅନ୍ୟ କାହା ବିବାହ ଦେଖିନଥିଲୁ । ୱଲିମା ଭୋଜୀରେ ମଧ୍ୟ ଖଜୁରୀ, ଯଅ, ପନୀର, ହୈସ୍ ଆଦି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା । ହୈସ୍ ସେହି ଖାଦ୍ୟ ଯାହାକି ଖଜୁରୀ ଓ ଘିଅ, ପନୀର ଆଦି ମିଶ୍ରଣରେ ପ୍ରସ୍ତୁତ କରାଯାଇଥାଏ । ହଜ୍‌ରତ୍ ଅସ୍‌ମା ବିନ୍‌ତେ ଉମୈସ୍ ବର୍ଣ୍ଣନା କରନ୍ତି ସେହି ଭୋଜିଠାରୁ ଉତମ ଓ ସ୍ୱାଦିଷ୍ଟ ଅନ୍ୟ କୌଣସି ଭୋଜିରେ ହୋଇନଥିଲା । ***(ଶରହ୍ ଅଲ୍ଲାମା ଜର୍‌କାନୀ.... ଖଣ୍ଡ-୨, ପୃ-୩୫୭-୩୬୭..... ବେରୁତ ୧୯୯୬) (ସୁନନେ ଇବ୍‌ନେ ମାଜା..... ହଦିସ୍ ନଂ-୧୧୯୧) (ତାରିଖୁଲ୍ ଖମିସ୍ ଖଣ୍ଡ-୨, ପୃ-୭୭..... ବେରୁତ ୨୦୦୯) (ତବକାତୁଲ୍ କୁବ୍‌ରା.........ଖଣ୍ଡ-୮, ପୃ-୧୯............ ବେରୁତ ୧୯୯୦) (ଲୁଗାତୁଲ୍ ହଦିସ୍ ଖଣ୍ଡ-୧, ପୃ-୧୭୨)***

ହଜ୍‌ରତ୍ ଫାତିମା ଓ ହଜ୍‌ରତ୍ ଅଲୀଙ୍କ ବିବାହ ଉତ୍ସବର ବ୍ୟାଖ୍ୟାକ କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ଶିରତ୍ ଖାତୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି: ହଜ୍‌ରତ୍ ଫାତିମା ର:ଅ ହଜୁର ସ:ଆ:ସଙ୍କର ସନ୍ତାନସନ୍ତିତଙ୍କ ମଧ୍ୟରୁ ସବୁଠୁ ସାନ ଥିଲେ । ସେ ହଜ୍‌ରତ୍ ଖତିଜାଙ୍କ ଗର୍ଭରୁ ଜାତ ହୋଇଥିଲେ ଏବଂ ହଜୁର ସ:ଆ:ସ ନିଜ ସନ୍ତାନମାନଙ୍କ ମଧ୍ୟରେ ହଜ୍‌ରତ୍ ଫାତିମା ର:ଅଙ୍କୁ ସର୍ବାଧିକ ଗେଲ ଓ ସ୍ନେହ ଆଦର କରୁଥିଲେ । ନିଜ ବ୍ୟକ୍ତିଗତ ସୁଗୁଣାବଳୀ ଯୋଗୁଁ ସେ ହିଁ ଏହି ଅସୀମ ପ୍ରେମର ସବୁଠାରୁ ଅଧିକ ଅଧିକାରି ଥିଲେ । ବର୍ତମାନ ତାଙ୍କ ବୟସ ଉଣା ଅଧିକ ୧୫ ବର୍ଷ ଥିଲା କି ତାଙ୍କ ପାଇଁ ପ୍ରସ୍ତାବ ଆସିବା ଆରମ୍ଭ ହୋଇଯାଇଥିଲା । ସର୍ବ ପ୍ରଥମେ ହଜ୍‌ରତ୍ ଅବୁବକର ର:ଅ ନିବେଦନ କରିଥିଲେ କିନ୍ତୁ ହଜୁର ସ:ଆ:ସ ତାହାକୁ ପସନ୍ଦ କରିନଥିଲେ ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ ଦରଖାସ୍ତ କରିଥିଲେ କିନ୍ତୁ ହଜୁର ସ:ଆ:ସ ତାଙ୍କରୀ ପ୍ରସ୍ତାବକୁ ମଧ୍ୟ ସ୍ୱୀକୃତି ପ୍ରଦାନ କରିନଥିଲେ । ଏଥିଅନ୍ତେ ସେ ଦୁହେଁ ଅର୍ଥାତ ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ଅଲୀଙ୍କୁ କହିଲେ, ଆପଣ ଫାତିମାଙ୍କ ହାତ ମାଗନ୍ତୁ ହଜ୍‌ରତ୍ ଅଲୀଙ୍କ ମନବାଞ୍ଛା ତ ଏଥିପ୍ରତି ଥିଲା କିନ୍ତୁ ଲଜ୍ଜା ଯୋଗୁଁ ନୀରବ ରହିଥିଲେ । କିନ୍ତୁ ଉକ୍ତ ବୟଜ୍ୟୋଷ୍ଠଙ୍କ ପ୍ରସ୍ତାବରେ ସେ ଅନୁପ୍ରାଣିତ ହୋଇ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଫାତିମାଙ୍କ ହାତ ମାଗିଲେ । ଅନ୍ୟ ପଟେ ହଜୁର ସ:ଆ:ସଙ୍କୁ ଦୈବି ବାଣୀ ମାଧ୍ୟମରେ ଅବଗତ କରିଦିଆଯାଇଥିଲା ଯେ ହଜ୍‌ରତ୍ ଫାତିମାଙ୍କ

ବିବାହ ହଜ୍‌ରତ୍ ଅଲୀଙ୍କ ସହ ହେବା ଉଚିତ । ବସ୍ତୁତଃ ହଜୁର ସ:ଆ:ସ କହିଲେ ଏଥି ସଂକ୍ରାନ୍ତରେ ମତେ ପୂର୍ବରୁ ପ୍ରଭୁଙ୍କଠାରୁ ସୁଚନା ମିଳିସାରିଛି । ହଜୁର ହଜ୍‌ରତ୍ ଫାତିମାଙ୍କ ସହମତି ମଧ୍ୟ ଲୋଡ଼ିଥିଲେ କିନ୍ତୁ ସେ ଲାଜେଇ ଯାଇ ନୀରବ ରହିଥିଲେ ଯାହାକି ତାଙ୍କ ସହମତି ପ୍ରତି ଇଙ୍ଗିତ କରୁଥିଲା । ଅତଏବ ହଜୁର ସ:ଆ:ସ ମୁହାଜିର୍ ଅର୍ଥାତ ପ୍ରବାଶକାରୀ ଓ ଅନ୍‌ସାରଙ୍କ ଏକ ଦଳକୁ ଏକତ୍ରିତ କରି ଦୁହିଁଙ୍କର ନିକାହ୍ ପାଠ କରିଥିଲେ । ଏହା ଦୁଇ ହିଜ୍‌ରୀର ପ୍ରାରମ୍ଭରେ ହୋଇଥିଲା । ତା'ପରେ ପାଖାପାଖି ବଦର ଯୁଦ୍ଧ ପରେ ଜିଲ୍‌ହଜା ଦୁଇ ହିଜ୍‌ରୀରେ ରୁଖ୍‌ସତାନା କାର୍ଯ୍ୟକ୍ରମ ନିମନ୍ତେ ପରାମର୍ଶ ହେଲା ଅତଏବ ହଜୁର ସ:ଆ:ସ ହଜ୍‌ରତ୍ ଅଲୀଙ୍କୁ ଡ଼ାକି ପଚାରିଲେ ତୁମ ନିକଟରେ ମେହେର୍ ଦେବାପାଇଁ କିଛି ଅର୍ଥ ଅଛି କି ନାହିଁ । ସେ ଉତର ଦେଲେ ମୋ ନିକଟରେ ତ କିଛି ହେଲେ ବି ନାହିଁ । ହଜୁର ପୁନଶ୍ଚ କହିଲେ ସେହି ରକ୍ଷାକବଚ କଣ ହେଲା ଯାହା ମୁଁ ତୁମକୁ ବଦର ଯୁଦ୍ଧରେ ପ୍ରଦାନ କରିଥିଲି ସେ ଉତର ଦେଲେ ତାହା ତ ଅଛି ହଜୁର ସ:ଆ:ସ କହିଲେ ବାସ୍ ତାହା ହିଁ ନେଇ ଆସ । ଅତଏବ ଉକ୍ତ କବଚ ୪୦୦ ଦିର୍‌ହମ୍‌ରେ ବିକ୍ରି କରିଦିଆଗଲା ଏବଂ ସେହି ରାଶିରେ ହଜୁର ସ:ଆ:ସ ବିବାହର ସମସ୍ତ ଆୟୋଜନ କରାଇଲେ । ନିଜ କନ୍ୟାକୁ ହଜୁର ସ:ଆ:ସ ଯୌତୁକରେ ଗୋଟିଏ ନରମ ଚାଦର ଗୋଟିଏ ଚମଡ଼ାର ଗଦା ଯାହା ଭିତରେ ଶୁଖିଲା ଖଜୁରୀ ପତ୍ର ଭରି ରହିଥିଲା ଓ ଗୋଟିଏ ମଶ୍‌କିଜା ଅର୍ଥାତ ଚମଡ଼ାରେ ତିଆରି ହୋଇଥିବା ଜଳପାତ୍ର ପ୍ରଦାନ କରିଥିଲେ ।

ଆଉ ଏକ ବର୍ଣ୍ଣନାରେ ଦରଜ ରହିଛି ଯେ ହଜୁର ନିଜ କନ୍ୟାକୁ ଏକ ଚକି ମଧ୍ୟ ପ୍ରଦାନ କରିଥିଲେ ଏ ସବୁର ପ୍ରବନ୍ଧ ହେବା ପରେ ଏକ ଘର ନିର୍ମାଣର ଭାଳେଣି ପଡ଼ିଲା କାରଣ ଏପର୍ଯ୍ୟନ୍ତ ସୁଦ୍ଧା ହଜ୍‌ରତ୍ ଅଲୀ ମସ୍‌ଜିଦ୍‌ର ଏକ କୋଠରୀରେ ରହି ଆସୁଥିଲେ କିନ୍ତୁ ବିବାହ ଅନ୍ତେ ଏକ ଅଲଗା ଘରର ଆବଶ୍ୟକତା ରହିଥିଲା ଯେଉଁଠାରେ ପତୀ ପତ୍ନୀ ବସବାସ କରିପାରିବେ । ସ୍ୱଚ୍ଛନ୍ଦରେ ଜୀବନଯାପନ କରିପାରିବେ । ସୁତରାଂ ହଜୁର ସ:ଆ:ସ ହଜ୍‌ରତ୍ ଅଲୀଙ୍କୁ ଗୋଟିଏ ଘର ଦେଖିବାକୁ କହିଲେ ହଜ୍‌ରତ୍ ଅଲୀ ଅସ୍ଥାୟୀ ଭାବରେ ଏକ ଘରର ବ୍ୟବସ୍ଥା କଲେ ଯେଉଁଠାରେ ହଜ୍‌ରତ୍ ଫାତିମାଙ୍କ ରୁଖ୍‌ସତାନା ହେଲା ଅର୍ଥାତ ବିଦା ହୋଇ ସ୍ୱାମୀଙ୍କ ଘରକୁ ଗଲେ । ସେହିଦିନ ହଜୁର ସ:ଆ:ସ ସେମାନଙ୍କ ଘରେ ପହଂଚିଲେ ଏବଂ କିଛି ଜଳ ମଗାଇ ସେଥିରେ ଦୁଆ କଲେ ଏବଂ ତାହାକୁ ହଜ୍‌ରତ୍ ଅଲୀ ଓ ଫାତିମାଙ୍କ ଉପରେ ଛିଟାଂଡ଼ି ଦେଲେ । ହଜୁର ସ:ଆ:ସ ଏହି ଦୁଆକଲେ କି ଅଲ୍ଲାହୁମ୍ମା ବାରିକ୍ ଫିହିମା ଓ୍ୱ ବାରିକ୍ ଆଲୈହିମା ଓ୍ୱ ବାରିକଲୁହୁମା ନସ୍‌ଲହୁମା ଅର୍ଥାତ ହେ ପ୍ରଭୁ ଏହି ଦୁହିଁଙ୍କୁ ବର୍‌କତ୍ ପ୍ରଦାନ କର ଏବଂ ଏହି ଦୁହିଁଙ୍କ ଏକାଠି ହେବାରେ ମଧ୍ୟ ବର୍‌କତ୍ ରଖିଦିଅ ଓ ଏମାନଙ୍କ ସନ୍ତାନଙ୍କୁ ମଧ୍ଧ ବର୍‌କତ୍ ଦିଅ । ସେଥିଅନ୍ତେ ହଜୁର ଦୁଇ ନବବିବାହିତ ଯୋଡ଼ିକୁ ଛାଡ଼ି ଚାଲିଆସିଲେ ତା'ପରେ ଏକଦା ହଜୁର ସ:ଆ:ସ ହଜ୍‌ରତ୍ ଫାତିମାଙ୍କ ଘରକୁ ଯାଇଥିଲେ । ସେହି ଅବସରରେ ସେ ହଜୁର ସ:ଆ:ସଙ୍କୁ କହିଲେ ହାର୍ସା ବିନ୍ ନୁମାନ୍‌ଙ୍କ ନିକଟରେ କିଛି ଘର ରହିଛି ତାଙ୍କୁ କୁହନ୍ତୁ ଆମ ପାଇଁ ଗୋଟିଏ ଘର ଖାଲି କରିଦେବେ । ପ୍ରତିଉତରରେ ହଜୁର କହିଲେ ପୂର୍ବରୁ ହିଁ ସେ ଆମ ଖାତିର୍ ନିଜର ଅନେକ ଘର ଖାଲି କରିସାରିଛନ୍ତି ବର୍ତମାନ ଆଉ ତାଙ୍କୁ କହିବାକୁ ମତେ ଲାଜ ମାଡୁଛି ଏକଥା ଯେତେବେଳେ ହଜ୍‌ରତ୍ ହାରିସା ର:ଅ ଶୁଣିଲେ ସେ ସଙ୍ଗେ ସଙ୍ଗେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୋର ଯାହା କିଛି ଅଛି ସେ ସବୁ କିଛି ଆପଣଙ୍କର ଏବଂ ଯାହା କିଛି ଆପଣ ମୋଠାରୁ ଗ୍ରହଣ କରୁଛନ୍ତି ତାହା ମତେ ମୋ ନିକଟରେ ରହିଥିବା ଜିନିଷ ତୁଳାନାରେ ଅଧିକା ଖୁସି ଦେଇଥାଏ । ଅତଏବ ସେହି ନିଷ୍ଠାପର ସାହାବି ଜଣଙ୍କ ନିଜର ଏକ ଘର ଖାଲି କରିଦେଲେ ଯେଉଁଠିକୁ ହଜ୍‌ରତ୍ ଅଲୀ ଓ ହଜ୍‌ରତ୍ ଫାତିମା ସ୍ଥାନାନ୍ତରିତ ହୋଇଗଲେ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍....... ପୃ-୪୫୫-୪୫୬)***

ହଜ୍‌ରତ୍ ଅଲୀ ର:ଅ ଓ ହଜ୍‌ରତ୍ ଫାତିମା ର:ଅ ନିଜର ଦାରିଦ୍ରତା ଏବଂ ଅଭାବ ସତ୍ୱେ ମିତ ବ୍ୟୟତା ଏବଂ ଧର୍ମ ପରାୟଣତାର ଉଦାହରଣ ପ୍ରଦର୍ଶନ କରୁଥିଲେ । ଅତଏବ ହଜରତ ଅଲୀ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଫାତିମା ର:ଅ ଚକି ଚଲାଇବା ଯୋଗୁଁ ତାଙ୍କ ହାତରେ ବିଣ୍ଡି ପଡ଼ିଯାଇଥିଲା । ଏକଦା ସେ ହଜୁର ସ:ଆ:ସଙ୍କୁ ସାକ୍ଷାତ କରିବାପାଇଁ ଆସିଲେ ସେତେବେଳେ ହଜୁର ସ:ଆ:ସଙ୍କ ନିକଟରେ କିଛି କଏଦୀମାନେ ମଧ୍ୟ ଆସିଯାଇଥିଲେ ଯଦିଚ ଘରେ ହଜୁର ଉପସ୍ଥିତ ନଥିଲେ ତେଣୁ ହଜ୍‌ରତ୍ ଫାତିମା ର:ଅ ହଜରତ ଆଇଶା ର:ଅଙ୍କୁ ସାକ୍ଷାତ କଲେ ଏବଂ ନିଜ ଆଗମନର ଉଦ୍ଦେଶ୍ୟ ସମ୍ବନ୍ଧରେ ତାଙ୍କୁ ଜଣାଇଲେ । ଯେତେବେଳେ ହଜୁର ସ:ଆ:ସ ଘରକୁ ଫେରିଲେ ସେତେବେଳେ ହଜ୍‌ରତ୍ ଆଇଶା ର:ଅ ହଜ୍‌ରତ୍ ଫାତିମା ର:ଅଙ୍କ ଆଗମନର ଉଦ୍ଦେଶ୍ୟ ସମ୍ପର୍କରେ ହଜୁରଙ୍କୁ ଅବଗତ କଲେ । ହଜ୍‌ରତ୍ ଅଲୀ ର:ଅ କୁହନ୍ତି ନବୀ କରିମ୍ ସ:ଆ:ସ ଯେତେବେଳେ ଆମ ନିକଟକୁ ଆସିଲେ ଆମେ ସେତେବେଳେ ବିଶ୍ରାମ ନେବାପାଇଁ ବାହାରୁଥିଲୁ । ହଜୁର ସ:ଆ:ସଙ୍କୁ ଆମେ ଦେଖି ଛିଡ଼ା ହେବାପାଇଁ ଉଦ୍ୟମ କଲୁ ସେତେବେଳେ ହଜୁର ସ:ଆ:ସ କହିଲେ ନିଜ ସ୍ଥାନରେ ହିଁ ବସି ରୁହ । ଏହାପରେ ହଜୁର ଆମ ଦୁହିଁଙ୍କ ମଧ୍ୟରେ ଆସି ବସି ପଡ଼ିଲେ ଏପରି କି ମୁଁ ହଜୁର ସ:ଆ:ସଙ୍କ ପାଦର ଶିତଳତା ଅନୁଭବ କଲି । ହଜୁର କହିଲେ କଣ ମୁଁ ତୁମ ଦୁହିଁଙ୍କୁ ତା'ଠାରୁ ଉତମ କଥା କହିବିନାହିଁ ଯାହାକି ତୁମେମାନେ ଚାହୁଁଥିଲ ? ଏବଂ ତାହା ଏହି କି ଯେ, ଯେତେବେଳେ ତୁମେମାନେ ନିଜ ବିଛଣାରେ ଶୟନ କରିବାକୁ ଯିବ ସେତେବେଳେ ୩୪ ଥର ଅଲ୍ଲାଃହୁ ଅକ୍‌ବର୍, ୩୩ ଥର ସୁବ୍‌ହାନଲ୍ଲାଃ ଓ ୩୩ ଥର ଅଲ୍‌ହମ୍‌ଦୁ ଲ୍ଲିଲାଃ ଜପ କର ଏହା ତୁମମାନଙ୍କ ପାଇଁ ଖାଦିମ୍ ଅର୍ଥାତ ସେବକଠାରୁ ଅଧିକ ଉପଯୋଗୀ ସାବ୍ୟସ୍ତ ହେବ ।

ହଜ୍‌ରତ୍ ଅବୁ ହୁରୈରା ର:ଅ ବର୍ଣ୍ଣନା କରନ୍ତି କି, ହଜ୍‌ରତ୍ ଫାତିମା ର:ଅ ହଜୁର ସ:ଆ:ସଙ୍କ ସେବାରେ ଜଣେ ଖାଦିମ୍ ଅର୍ଥାତ ସେବକକୁ ମାଗିବାପାଇଁ ଉପସ୍ଥିତ ହେଲେ ଏବଂ ନିଜ ଘରର କାର୍ଯ୍ୟ ସମ୍ପର୍କରେ ଯେତେବେଳେ ଅଭିଯୋଗ କଲେ ସେତେବେଳେ ହଜୁର ସ:ଆ:ସ କହିଲେ, ତୁମେ ମୋଠାରୁ ଏଭଳି ଉକ୍ତ ସେବକକୁ ପାଇବ ନାହିଁ ଅର୍ଥାତ ମୁଁ ତୁମକୁ ଏପରି ସେବକ ପ୍ରଦାନ କରିବିନାହିଁ କାରଣ ଏହା କରିବାକୁ ମୁଁ ଚାହେଁ ନାହିଁ ଯଦିଚ ମାଲେ ଗନିମତରେ ହଜ୍‌ରତ ଅଲୀ ର:ଅଙ୍କ ମଧ୍ୟ ଅଧିକାର ଥିଲା କିନ୍ତୁ ଏହା ସତ୍ୱେ ମଧ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ମାଲେ ଗନିମତ୍‌ରୁ କିଛି ପ୍ରଦାନ କରିଲେନାହିଁ । ବରଂ କହିଲେ କଣ ତୁମକୁ ଏପରି ଏକ କଥା କହିବିନାହିଁ ଯାହା ତୁମ ପାଇଁ ସେହି ଦାସଠାରୁ ଅତି ଉତମ ହେବ ? ଯେତେବେଳେ ତୁମେ ଶୟନ କରିବାକୁ ଯାଅ ସେତେବେଳେ ୩୪ ଥର ଅଲ୍ଲାଃହୁ ଅକ୍‌ବର୍, ୩୩ ଥର ସୁବ୍‌ହାନଲ୍ଲାଃ ଓ ୩୩ ଥର ଅଲ୍‌ହମ୍‌ଦୁ ଲ୍ଲିଲାଃ ଜପ କର ବର୍ଣ୍ଣନାଟି ସହୀ ମୁସ୍‌ଲିମ୍‌ର ଅଟେ । ***(ସହି ମୁସ୍‌ଲିମ୍..... ହଦିସ୍ ନଂ-୬୯୧୫,୬୯୧୮)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜୁର ସ:ଆ:ସଙ୍କ ଜୀବନୀ ବିଷୟରେ ଚର୍ଚ୍ଚା କରି ଉକ୍ତ ଘଟଣାକୁ ଏପରି ବର୍ଣ୍ଣନା କରିଛନ୍ତି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବୁଖାରୀରୁ ବର୍ଣ୍ଣନା କରି କହୁଛନ୍ତି: ହଜ୍‌ରତ୍ ଫାତିମା ର:ଅ ହଜୁର ସ:ଆ:ସଙ୍କ ନିକଟରେ ଅଭିଯୋଗ କଲେ କି ସେ ଚକି ପେଶିବା ଫଳରେ ତାଙ୍କ ହାତରେ ଅତ୍ୟନ୍ତ ଯନ୍ତ୍ରଣା ଅନୁଭବ ହେଉଛି । ସେହି ସମୟରେ ହଜୁର ସ:ଆ:ସଙ୍କ ନିକଟରେ କେତେକ ଦାସ ମଧ୍ୟ ରହିଥିଲେ । ସୁତରାଂ ହଜ୍‌ରତ୍ ଫାତିମା ର:ଅ ହଜୁର ସ:ଆ:ସଙ୍କ ନିକଟକୁ ଗଲେ କିନ୍ତୁ ଆପଣ ସ:ଆ:ସ ଘରେ ଉପସ୍ଥିତ ନଥିଲେ ଏଣୁ ସେ ହଜ୍‌ରତ୍ ଆଇଶା ର:ଅଙ୍କୁ ନିଜ ଆଗମନ ସମ୍ପର୍କରେ ସୁଚିତ କରି ଘରକୁ ଫେରିଆସିଲେ । ଯେତେବେଳେ ହଜୁର ସ:ଆ:ସ ଘରକୁ ଆସିଲେ ସେତେବେଳେ ହଜ୍‌ରତ୍ ଆଇଶା ର:ଅ ହଜୁର ସ:ଆ:ସଙ୍କୁ ହଜ୍‌ରତ୍ ଫାତିମାଙ୍କ ଆଗମନ ସମ୍ପର୍କରେ ସୁଚିତ କଲେ ଫଳସ୍ୱରୁପ ହଜୁର ସ:ଆ:ସ ଆମମାନଙ୍କ ନିକଟକୁ ଆସିଲେ ଏବଂ ଆମେମାନେ ସେତେବେଳେ ବିଶ୍ରାମ ନେବାପାଇଁ ବାହାରୁଥିଲୁ ହଜୁର ସ:ଆ:ସଙ୍କୁ ଦେଖି ଆମେ ଛିଡ଼ା ହେବାପାଇଁ ଚେଷ୍ଟା କଲୁ କିନ୍ତୁ ହଜୁର କହିଲେ, ନିଜ ସ୍ଥାନରେ ବସି ରହ । ଏହାପରେ ହଜୁର ଆମ ଦୁହିଁଙ୍କ ମଧ୍ୟରେ ଆସି ବସିପଡ଼ିଲେ ଏପରି ହଜୁର ସ:ଆ:ସଙ୍କ ପାଦର ଶିତଳତା ମୁଁ ଅନୁଭବ କଲି ସେତେବେଳେ ହଜୁର ସ:ଆ:ସ କହିଲେ କଣ ମୁଁ ତୁମକୁ ଏଭଳି କଥା କହିବିନାହିଁ ଯାହା ସେହି ବସ୍ତୁଠାରୁ ଅଧିକ ଶ୍ରେୟସ୍କର ହେବ ଯାହା ତୁମେ କାମନା କରୁଅଛି ? ତାହା ଏହି କି ଯେ, ଯେତବେଳେ ତୁମେମାନେ ସେଜକୁ ବିଶ୍ରାମ ନିମନ୍ତେ ଯାଅ ସେତେବେଳେ ୩୪ ଥର ଅଲ୍ଲାଃହୁ ଅକ୍‌ବର୍, ୩୩ ଥର ସୁବ୍‌ହାନଲ୍ଲାଃ ଓ ୩୩ ଥର ଅଲ୍‌ହମ୍‌ଦୁ ଲ୍ଲିଲାଃ ଜପ କର ଅତଃ ଏହା ତୁମମାନଙ୍କ ପାଇଁ ସେବକଠାରୁ ଅଧିକ ଫଳପ୍ରଦ ସାବ୍ୟସ୍ତ ହେବ ।

ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି ଯେ ଉକ୍ତ ଘଟଣାରୁ ଏହା ଜଣାପଡ଼େ ଯେ ହଜୁର ସ:ଆ:ସ ଧନ ବାଂଟିବା ବେଳେ ଏଭଳି ସଚେତନ ଥିଲେ ଯେ ହଜ୍‌ରତ୍ ଫାତିମା ର:ଅଙ୍କୁ ଏକ ଦାସର ଆବଶ୍ୟକତା ଥିବା ସତ୍ୱେ ଓ ଚକି ପେଶିବା ଫଳରେ ତାଙ୍କ ହାତରେ ଯନ୍ତ୍ରଣା ହେବା ସତ୍ୱେ, ଯାହାକି ହଜୁର ସ:ଆ:ସଙ୍କୁ ଜଣା ଥିଲା ତଥାପି ସେ ତାଙ୍କୁ ଗୋଟିଏ ସେବକ ପ୍ରଦାନ କରିନଥିଲେ ବରଂ ତାଙ୍କୁ ଦୁଆ କରିବାପାଇଁ ପ୍ରବର୍ତାଇ ଥିଲେ ଏବଂ ଅଲ୍ଲାଃ ତାଲାଙ୍କ ଆଡ଼କୁ ଆନତ ହେବାପାଇଁ ତାଙ୍କର ଧ୍ୟାନ ଆକର୍ଷିତ କରିଥିଲେ । ଯଦି ହଜୁର ସ:ଆ:ସ ଏହା ଚାହିଁଥାନ୍ତେ ତାହେଲେ ହଜ୍‌ତର୍ ଫାତିମା ର:ଅଙ୍କୁ ଦାସ ଟିଏ ପ୍ରଦାନ କରିଦେଇଥାନ୍ତେ କାରଣ ହଜୁର ସ:ଆ:ସଙ୍କ ନିକଟରେ ଯେଉଁ ଅର୍ଥ ଓ ଦାସ ବାଂଟିବା ନିମନ୍ତେ ଆସୁଥିଲା ତାହା ସେ ସାହାବାଙ୍କ ମଧ୍ୟରେ ବାଂଟି ଦେଉଥିଲେ । ହଜ୍‌ରତ୍ ଅଲୀ ସାହାବାଙ୍କ ମଧ୍ୟରୁ ଜଣେ ଥିଲେ ତାଙ୍କର ମଧ୍ୟ ଏଥିରେ ଅଧିକାର ଥିଲା । ହଜ୍‌ରତ୍ ଫାତିମା ର:ଅଙ୍କର ମଧ୍ୟ ଉକ୍ତ ଅର୍ଥରେ ଅଧିକାର ଥିଲା କିନ୍ତୁ ହଜୁର ସ:ଆ:ସ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରି ଏହି ଇଚ୍ଛା କଲେ ନାହିଁ ଯେ ଉକ୍ତ ପ୍ରାପ୍ତ ଧନରୁ ସେ ନିଜ ପରିଜନମାନଙ୍କୁ ପ୍ରଦାନ କରିବେ । ସମ୍ଭବତଃ ଏପରି କରିବା ଦ୍ୱାରା ଆସନ୍ତାକୁ ଲୋକ ମାନେ ଏହାର ବିପରିତ ଅର୍ଥ କରିନେବେ ଏବଂ ରାଜାମାନେ ଲୋକମାନଙ୍କର ଅର୍ଥକୁ ନିଜ ପାଇଁ ବୈଧ ମନେ କରିବେ । ସୁତରାଂ ସତର୍କତାକୁ ଦୃଷ୍ଟିରେ ରଖି ନିଜ ନିକଟରେ ଥିବା ଦାସ ଓ ଦାସୀ, ଯେଉଁମାନଙ୍କୁ ବଂଟା ଯିବାର ଥିଲା କିନ୍ତୁ ଏହା ସତ୍ୱେ ମଧ ହଜୁର ସ:ଆ:ସ ହଜ୍‌ରତ୍ ଫାତିମାଙ୍କୁ କୁଟାଖିଅ ଟିଏ ମଧ୍ୟ ଦେଇନଥିଲେ । ଏଠାରେ ସ୍ମରଣ ରଖିବା ଉଚିତ ଯେ ଅଲ୍ଲାଃ ତାଲା ସେହି ଧନରତ୍ନ ମଧ୍ୟରେ ହଜୁର ସ:ଆ:ସ ଓ ତାଙ୍କ ପରିଜନଙ୍କ ମଧ୍ୟ ଅଂଶ ନିର୍ଦ୍ଧାରିତ କରିଥିଲେ ତେଣୁ ହଜୁର ସ:ଆ:ସ ସେହି ଧନରୁ ବ୍ୟୟ ମଧ୍ୟ କରୁଥିଲେ ଏବଂ ନିଜର ପରିଜନମାନଙ୍କୁ ମଧ୍ୟ ପ୍ରଦାନ କରୁଥିଲେ ହଁ ଯେପର୍ଯ୍ୟନ୍ତ ହଜୁର ସ:ଆ:ସଙ୍କ ଅଧିନକୁ କୌଣସି ବସ୍ତୁ ଆସିଯାଉନଥିଲା ସେ ପର୍ଯ୍ୟନ୍ତ ହଜୁର ସ:ଆ:ସ ମାଲେ ଗନିମତ୍‌ରୁ କାଣିଚାଏ ମଧ୍ୟ ଖର୍ଚ୍ଚ କରୁନଥିଲେ କି ନିଜ ପ୍ରୀୟଜନମାନଙ୍କୁ କୁଟା ଖିଅ ଟିଏ ମଧ୍ୟ ସେଥିରୁ ଦେଉନଥିଲେ । କଣ ସଂସାର ଏଭଳି ଦୃଷ୍ଟାନ୍ତ ଦେଇପାରିବ ଯେଉଁଭଳି ବଇତୁଲ୍ ମାଲ୍‌ର ଦୃଷ୍ଟାନ୍ତ ହଜୁର ସ:ଆ:ସ ଲୋକଙ୍କ ଆଗରେ ରଖିଛନ୍ତି । ଯଦି କୌଣସି ଦୃଷ୍ଟାନ୍ତ ମିଳିବ ତାହେଲେ ତାହା କେବଳ ହଜୁର ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱର ସେବକମାନଙ୍କ ମଧ୍ୟରେ ହିଁ ମିଳିପାରିବ ଅନ୍ୟଥା ଅନ୍ୟ ଧର୍ମାଲମ୍ବୀମାନେ ଏହାର ଦୃଷ୍ଟାନ୍ତ ଦେଇପାରିବେ ନାହିଁ । ***(ସିରତୁନ୍ ନବୀ, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧, ପୃ-୫୪୫)***

ହଜ୍‌ରତ୍ ଅଲୀ ବିନ୍ ଅବୁ ତାଲିବ୍ ବର୍ଣ୍ଣନା କରନ୍ତି ଯେ ଏକଦା ହଜୁର ସ:ଆ:ସ ରାତ୍ର ସମୟରେ ତାଙ୍କୁ ଏବଂ ତାଙ୍କର ସୁପୁତ୍ରି

ହଜ୍‌ତର୍ ଫାତିମା ର:ଅଙ୍କ ନିକଟକୁ ଆସିଲେ ଏବଂ କହିଲେ କଣ ତୁମେ ଦୁହେଁ ନମାଜ ପଢୁନାହଁ କି ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ଆମମାନଙ୍କ ପ୍ରାଣ ଅଲ୍ଲାଃ ତାଲାଙ୍କ ହସ୍ତରେ ରହିଛି ସେ ଯେତେବେଳେ ନିଦରୁ ଉଠାଇବାକୁ ଚାହିଁବେ ନିଦରୁ ଉଠାଇନେବେ । ହଜୁର ସ:ଆ:ସ ମତେ ଉକ୍ତ ପ୍ରଶ୍ନର ଉତର ପ୍ରଦାନ କଲେ ନାହିଁ ଏବଂ ଏହାପରେ ହଜୁର ସ:ଆ:ସ ସେଠାରୁ ଫେରିଗଲେ ତଥା ତହିଁରୁ ନମାଜ ତହ୍‌ଯୁଦ୍ ପଢ଼ିବା ଯଥାର୍ଥ ଥିଲା ଯଦି ନମାଜ ତହ୍‌ଯୁଦ୍ ବେଳେ ଆମେମାନେ ନିଦରୁ ଉଠିପାରୁନାହୁଁ କିମ୍ବା ଆମ ଆଖି ଖୋଲୁନାହିଁ ସେତେବେଳେ ତାହା ଅଲ୍ଲାଃଙ୍କ ବିଧାନ ବଶତଃ ଅଟେ । ଯଦି ଅଲ୍ଲାଃ ତାଲା ଚାହିଁବେ ତାହେଲେ ଆମେମାନେ ଉଠିନେବୁ ଏବଂ ନମାଜ ତହ୍‌ଯୁଦ୍ ପାଠ କରିନେବୁ । ଯେତେବେଳେ ସେ ଆମକୁ ନିଦରୁ ଜାଗ୍ରତ ହିଁ କରୁନାହାନ୍ତି ତେବେ ଆମେ କିଭଳି ତାହା ପାଠ କରିପାରିବୁ । ହଜୁର ସ:ଆ:ସ କୌଣସି ତର୍କ କଲେନାହିଁ ଏବଂ ସେଠାରୁ ଫେରି ଆସିଲେ ଯେତେବେଳେ ହଜୁର ଘରୁ ବାହାରକୁ ଚାଲିଆସିଲେ ସେତେବେଳେ ହଜୁର ନିଜ ଜଙ୍ଘ ଉପରେ ହସ୍ତ ସ୍ପର୍ଶ କରି ଏହା କହୁଥିଲେ: ***ୱ୍କାନଲ୍ ଇନ୍‌ସାନୁ ଅକ୍‌ସରା ଶୈଇନ୍ ଜଦଲା*** ଅର୍ଥାତ ମଣିଷ ବହୁତ ଯୁକ୍ତିତର୍କ କରିଥାଏ । ***(ସହି ବୁଖାରୀ....... ହଦିସ୍ ନଂ-୧୧୨୭)***

ଉକ୍ତ ଘଟଣାକୁ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ହଜୁର ସ:ଆ:ସ ଏକଦା ରାତ୍ରରେ ନିଜ ଜ୍ୱାଇଁ ହଜ୍‌ରତ୍ ଅଲୀ ଓ ନିଜର ସୁପୁତ୍ରୀ ହଜ୍‌ରତ୍ ଫାତିମା ର:ଅଙ୍କ ଘରକୁ ଗଲେ ଏବଂ କହିଲେ, କଣ ତୁମେ ଦୁହେଁ ତହ୍‌ଯୁଦ୍ ନମାଜ ପଢୁଛ ? ଅର୍ଥାତ ସେହି ନମାଜ ଯାହା ଅର୍ଦ୍ଧରାତ୍ରରେ ନିଦରୁ ଜାଗ୍ରତ ହୋଇ ପଢ଼ାଯାଇଥାଏ । ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ପଢ଼ିବାକୁ ଉଦ୍ୟମ ତ ଅବଶ୍ୟ କରୁଛୁ କିନ୍ତୁ ଯେତେବେଳେ ଅଲ୍ଲାଃଙ୍କ ଇଚ୍ଛାମୁତାବକ ଆମ ଆଖିବ ବନ୍ଦ ରହେ ସେତେବେଳେ ଆମେ ନମାଜ ତହ୍‌ଯୁଦ୍ ପଢ଼ିବାରୁ ବଂଚିତ ରହିଯାଉ । ହଜୁର ସ:ଆ:ସ କହିଲେ, ତହ୍‌ଯୁଦ୍ ନମାଜ ପଢ଼ ଏବଂ ଏହାପରେ ହଜୁର ସ:ଆ:ସ ଉଠି ନିଜ ଘର ଅଭିମୁଖେ ବାହାରି ପଡ଼ିଲେ । ବାଟରେ ଯାଉ ଯାଉ ବାରମ୍ବାର ଏହି ଉକ୍ତି ପଢୁଥିଲେ: ***ୱ୍କାନଲ୍ ଇନ୍‌ସାନୁ ଅକ୍‌ସରା ଶୈଇନ୍ ଜଦଲା*** ଏହା ପବିତ୍ର କୋରାନ୍‌ର ଏକ ଆୟତ ଯାହାର ଅର୍ଥ ମାନବ ସମସ୍ତଙ୍କଠାରୁ ଅଧିକ ତର୍କ ପ୍ରୀୟ, ମାନବ ନିଜର ଦୋଷକୁ ସ୍ୱୀକାର କରିବାକୁ କୁଣ୍ଠାବୋଧ ପ୍ରକାଶ କରିଥାଏ ଏବଂ ବିଭିନ୍ନ ପ୍ରକାର ଆଳ ଓ ବାହାନା କରି ନିଜ ଦୋଷକୁ ଢ଼ାଙ୍କିବାକୁ ଚେଷ୍ଟା କରିଥାଏ । ଏହାର ଅର୍ଥ ଏହା ଥିଲା କି ହଜ୍‌ରତ୍ ଅଲୀ ଓ ହଜ୍‌ରତ୍ ଫାତିମା ଏହା କହିଥାନ୍ତେ କି ଆମ ଦ୍ୱାରା ମଧ୍ୟ ବେଳେବେଳେ ତ୍ରୁଟି ହୋଇଯାଇଥାଏ କିନ୍ତୁ ଏହା ପରିବର୍ତେ ସେମାନେ ଏହା କାହିଁକି କହିଲେ ଯେ ଯେତେବେଳେ ଅଲ୍ଲାଃ ତାଲା ଚାହାନ୍ତି ଆମେ ନିଦରୁ ଉଠି ନମାଜ ତହ୍‌ଯୁଦ୍ ପାଠ କରିନେଇଥାଉ ନଚେତ ଆମେ ଶୋଇ ରହିଥାଉ ଏବଂ ନିଜ ଦୋଷ ଦୁର୍ବଳତାକୁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଆକ୍ଷେପ କରିଥିଲେ । ***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍....... ଖଣ୍ଡ-୨୦, ପୃ-୩୮୯-୩୯୦)***

ଉକ୍ତ ଘଟଣାକୁ ଅଧିକ ସ୍ପଷ୍ଟ କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଅଲୀ ର:ଅ ନିଜର ଏକ ଘଟଣା ସମ୍ପର୍କରେ ବର୍ଣ୍ଣନା କରନ୍ତି ଯେ ଯହିଁରୁ ପ୍ରମାଣିତ ହୋଇଥାଏ ଯେ ଏକ ଅବସରରେ ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କୁ ଏଭଳି ଏକ ଉତର ଦେଲେ ଯହିଁରେ ଯୁକ୍ତିତର୍କ ଓ ପ୍ରତିବାଦର ଶୈଳୀ ଝଲକୁ ଥିଲା ତେବେ ହଜୁର ସ:ଆ:ସ କ୍ଷୋଭ ପ୍ରକାଶ ତଥା ପ୍ରସନ୍ନତା ବ୍ୟକ୍ତ କରିବା ପରିବର୍ତେ ଏଭଳି ଏକ ସୌମ୍ୟ ଶୈଳୀ ଅବଲମ୍ବନ କଲେ ଯଦ୍ୱାରା ହଜ୍‌ରତ୍ ଅଲୀ ର:ଅ ନିଜ ଜୀବନର ଶେଷ ଦିନଗୁଡ଼ିକରେ ଉକ୍ତ ମିଷ୍ଟତା ମୁଳକ ସ୍ୱାଦରୁ ଲାଭବାନ ହେଉଥିବେ ଏବଂ ସେ ଯେଉଁ ମଜା ନେଉଥିବେ, ତାହା ତ ତାଙ୍କର ଅଧିକାର ଥିଲା । ବର୍ତମାନ ମଧ୍ୟ ହଜୁର ସ:ଆ:ସଙ୍କର ଏହି ଅସ୍ୱୀକାର ମୂଳକ ପରିପ୍ରକାଶରୁ ଜାଣି ସାରିବା ପରେ ପ୍ରତ୍ୟେକ ସୂକ୍ଷ୍ମଦର୍ଶୀ ବ୍ୟକ୍ତି ଆଶ୍ଚର୍ଯ୍ୟଚକିତ ହୋଇଯାଇଥାଏ । ହଜ୍‌ରତ୍ ଅଲୀ କରମୁଲ୍ଲାଃ ୱ୍‌ଜହୁ ର:ଅ ବୁଖାରୀର ଏକ ବର୍ଣ୍ଣନାରେ କୁହନ୍ତି ଏକଦା ରାତ୍ରରେ ହଜୁର ସ:ଆ:ସ ମୋ ନିକଟକୁ ଏବଂ ନିଜ ସୁପୁତ୍ରୀ ଫାତିମା ଜୋହ୍‌ରା ର:ଅଙ୍କ ନିକଟକୁ ଆସିଲେ ଏବଂ କହିଲେ କି ତୁମେମାନେ କଣ ନମାଜ ତହ୍‌ଯୁଦ୍ ନମାଜ ପାଠ କରୁନାହଁ ? ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ରସୁଲ୍ ! ଆମମାନଙ୍କ ପ୍ରାଣବାୟୁ ଅଲ୍ଲାଃ ତାଲାଙ୍କ ହସ୍ତରେ ରହିଛି ସେ ଯେତେବେଳେ ସେ ଉଠାଇବାକୁ ଚାହାନ୍ତି ଉଠାଇ ଦିଅନ୍ତି । ଏହାପରେ ହଜୁର ସ:ଆ:ସ କିଛି ନ କହି ସେଠାରୁ ଫେରି ଆସିଲେ ଅର୍ଥାତ ତହିଁରୁ ନମାଜ ତହ୍‌ଯୁଦ୍ ପାଠ କରିବା ଯଥାର୍ଥ ଥିଲା ଯଦି ଆମେମାନେ ନିଦରୁ ଉଠିପାରୁନାହୁଁ କିମ୍ବା ଆମ ଆଖି ଖୋଲୁନାହିଁ ସେତେବେଳେ ତାହା ଅଲ୍ଲାଃ ତାଲାଙ୍କ ଆୟତଧିନ ଯୋଗୁଁ ଅଟେ । ଯଦି ଅଲ୍ଲାଃ ତାଲା ଚାହିଁବେ ତାହେଲେ ସେ ଆମମାନଙ୍କୁ ପଢ଼ାଇବେ ଏବଂ ଯେତେବେଳେ ସେ ଆମମାନଙ୍କୁ ନିଦରୁ ଜାଗ୍ରତ କରାନ୍ତି ଆମେମାନେ ସେତେବେଳେ ନମାଜ ପାଠ କରିନେଇଥାଉ । ହଜୁର ସ:ଆ:ସ ଏଥିରେ କୌଣସି ତର୍କ ନ କରି ସେଠାରୁ ଫେରିଯାଇଥିଲେ । ଯେତେବେଳେ ଆମ ଘରୁ ବାହୁଡ଼ି ଯାଇଥିଲେ ସେତେବେଳେ ହଜୁର ସ:ଆ:ସ ନିଜ ଜଙ୍ଘ ଉପରେ ହାତ ସ୍ପର୍ଶ କରି ଏହି ଉକ୍ତି ପାଠ କରୁଥିଲେ ***ୱ୍କାନଲ୍ ଇନ୍‌ସାନୁ ଅକ୍‌ସରା ଶୈଇନ୍ ଜଦଲା*** ଅର୍ଥାତ ମନୁଷ୍ୟ ସର୍ବାଧିକ ଯୁକ୍ତିତର୍କକାରୀ ଅଟେ । ଅଲ୍ଲାଃ ଅଲ୍ଲାଃ କେତେ ସୁନ୍ଦର ଶୈଳୀରେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ବୁଝାଇଲେ ଯେ ତାଙ୍କୁ ଏପରି ଉତର ଦେବା ଉଚିତ ନଥିଲା । ତାଙ୍କ ସ୍ଥାନରେ ଯଦି ଅନ୍ୟ କେହି ବ୍ୟକ୍ତି ହୋଇଥାଆନ୍ତା ତାହେଲେ ସେ ଯୁକ୍ତିତର୍କ କରିବାକୁ ଆରମ୍ଭ କରିଦେଇଥାନ୍ତା କି ପ୍ରଥମେ ମୋର ମାନ ଓ ପ୍ରତିଷ୍ଠାକୁ ଅନୁଧ୍ୟାନ କର ତା'ପରେ ଯାଇ ନିଜର ଉତରକୁ ଅନୁଧ୍ୟାନ କର । ତୁମର କଣ ଅଧିକାର ଅଛି କି ତୁମେ ମୋ କଥାକୁ ଖଣ୍ଡନ କରିଦେଇଥାନ୍ତ । ଯଦି ଏପରି ହୋଇନଥାନ୍ତା ତେବେ ଅନ୍ୟୁନ୍ୟ ଯୁକ୍ତିତର୍କ ଆରମ୍ଭ କରିଦେଇଥାଆନ୍ତେ ଯେ ତୁମର ଏହି ଦାବିଟି ସମ୍ପୁର୍ଣ ରୂପେ ଭୁଲ୍ ଅଟେ କାରଣ ମାନବ ହେଉଛି ନିରୁପାୟ ତେଣୁ ତାହାର ସମସ୍ତ କର୍ମ ଉପରେ ଅଲ୍ଲାଃ ତାଲା ପୂର୍ଣ୍ଣ ଅଧିକାର ରଖିଥାନ୍ତି ସେ ଯେଉଁଭଳି ଚାହିଁବେ ସେହିପରି ମନୁଷ୍ୟକୁ କର୍ମ ଦ୍ୱାରା ପରିଚାଳିତ କରାଇବେ ସେ ଯଦି ଚାହିଁବେ ନମାଜ ପଢ଼ିବାକୁ ସାମର୍ଥ୍ୟ ମଧ ପ୍ରଦାନ କରିବେ ନାହିଁ । ଏବଂ କହିଥାନ୍ତେ ବାଧବାଦ୍ଧକତାର ସମସ୍ୟା କୋରାନ୍ ବିରୋଦ୍ଧିୟ ଅଟେ କିନ୍ତୁ ଏହି ଦୁଇ ପ୍ରକାର ଶୈଳୀରୁ ହଜୁର ସ:ଆ:ସ କୌଣସି ଗୋଟିଏ ଶୈଳୀକୁ ଅବଲମ୍ବନ କଲେ ନାହିଁ । ନା ହଜ୍‌ରତ୍ ଅଲୀ ର:ଅଙ୍କ ଉପରେ କ୍ଷୋଭ ପ୍ରକାଶ କଲେ ନା ଯୁକ୍ତତର୍କ କରି ହଜ୍‌ରତ୍ ଅଲୀ ର:ଅଙ୍କୁ ତାଙ୍କର ଏପରି କହିବା ଯୋଗୁଁ କିଛି କହିଲେ ବରଂ ଗୋଟିଏ ପାର୍ଶ୍ୱକୁ ଘୁଂଚି ଯାଇ ତାଙ୍କର ଉକ୍ତ ଉତରରେ ଏହିଭଳି ଆଶ୍ଚର୍ଯ୍ୟତାର ପରିପ୍ରକାଶ କରିଦେଲେ କି ମାନବ ପ୍ରତ୍ୟେକ କଥାରେ କୌଣସି ନା କୌଣସି ବାହାନା କରିନେଇଥାଏ ଏବଂ ତର୍କ କରିବାକୁ ଆରମ୍ଭ କରିଦେଇଥାଏ । ପ୍ରକୃତ ପକ୍ଷରେ କହିବାକୁ ଗଲେ ହଜୁର ସ:ଆ:ସଙ୍କ କେବଳ ଏତିକି କହିଦେବା ନିଜ ମଧରେ ଏଭଳି ଲାଭ ରଖୁଥିଲା କି ଯାହାର ଦଶମାଂସ ମଧ୍ୟ ଅନ୍ୟ ଶତାଧିକ ଯୁକ୍ତିତର୍କରୁ ମଧ୍ୟ ଲାଭ ମିଳିପାରିବ ନାହିଁ ।

ଉକ୍ତ ହଦିସ୍‌ରୁ ଆମେ ଆନେକ ବିଷୟରେ ଉପନୀତ ହୋଇଥାଉ ଯେଉଁଥିରୁ ହଜୁର ସ:ଆ:ସଙ୍କ ଚରିତ୍ରର ବିଭିନ୍ନ ଦିଗ ଉନ୍ମୋଚିତ ହୋଇଥାଏ ଏବଂ ଏଠାରେ ସେଗୁଡ଼ିକର ଚର୍ଚ୍ଚା ସଠିକ୍ ବୋଲି ମନେ ହେଉଛି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ପ୍ରଥମତଃ ଏହା ଜଣାପଡୁଛି ଯେ ହଜୁର ସ:ଆ:ସ ଧାର୍ମିକତାକୁ କେତେ ଗୁରୁତ୍ୱ ଦେଉଥିଲେ ରାତ୍ରବେଳେ ବୁଲି ନିଜର ବନ୍ଧୁ ପରିଜନଙ୍କ ଯତ୍ନ ନେଉଥିଲେ ଏବଂ ଖବର ନେଉଥିଲେ କି ସେମାନେ ନମାଜ ପଢୁଛନ୍ତି କି ନାହିଁ । ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ସ୍ୱୟମ ପୂଣ୍ୟ କରନ୍ତି ଏବଂ ଅନ୍ୟମାନଙ୍କୁ ପୂର୍ଣ୍ୟ କରିବାପାଇଁ ଉପଦେଶ ଦେଇଥାନ୍ତି କିନ୍ତୁ ସେମାନଙ୍କ ଗୃହର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥାଏ ଏବଂ ସେମାନଙ୍କ ମଧ୍ୟରେ ଏଥିପ୍ରତି ଧ୍ୟାନ ନ ଥାଏ କି ନିଜର ଘର ସଦସ୍ୟମାନଙ୍କର ମଧ୍ୟ ଅବସ୍ଥା ସୁଧାରିବା । ସେହି ଲୋକମାନଙ୍କ ସମ୍ପର୍କରେ ଏକ ଲୋକଉକ୍ତି ପ୍ରଚଳିତ ଯେ, ଦୀପ ତଳ ଅନ୍ଧାର ଅର୍ଥାତ ଯେଉଁଭଳି ଦୀପର ନିମ୍ନଭାଗଟି ଅନ୍ଧକାର ମୟ ରହିଥାଏ ଯଦିଚ ସେ ନିଜ ଆଖପାଖ ସ୍ଥାନକୁ ଆଲୋକିତ କରିଥାଏ । ସେହିପରି ଏହି ଲୋକମାନେ ମଧ୍ୟ ଅନ୍ୟମାନଙ୍କୁ ଉପଦେଶ ଦିଅନ୍ତି କିନ୍ତୁ ନିଜ ଘର ବିଷୟରେ ଆଦୌ ଚିନ୍ତିତ ନଥାନ୍ତି ଯେ ମୋ ଆଲୋକ ଦ୍ୱାରା ମୋ ଘରର ସଦସ୍ୟମାନେ କିଭଳି ଓ କେତେ ମାତ୍ରାରେ ଉପକୃତ ହେଉଛନ୍ତି କିନ୍ତୁ ଉକ୍ତ କଥାରୁ ହଜୁର ସ:ଆ:ସଙ୍କ ଏହି ଅଭିପ୍ରାୟ ଥିଲା କି ନିଜ ପରିଜନମାନେ ମଧ୍ୟ ଉକ୍ତ ଆଲୋକ ଦ୍ୱାରା ଆଲୋକିତ ହୁଅନ୍ତୁ ଏବଂ ସେଥିରୁ ଉପକୃତ ହୁଅନ୍ତୁ ଯଦ୍ୱାରା ସେମାନେ ସଂସାରବାସୀଙ୍କୁ ମଧ୍ୟ ସେଥିରୁ ଲାଭାନ୍ୱିତ କରିପାରିବେ ଏବଂ ଏଥିନିମନ୍ତେ ସେ ବଦ୍ଧ ପରିକର ମଧ୍ୟ ଥିଲେ ଏବଂ ସେମାନଙ୍କର ପରୀକ୍ଷା ନିରୀକ୍ଷା କରିବାରେ ଅଭ୍ୟସ୍ତ ଥିଲେ । ବନ୍ଧୁ ପରିଜନଙ୍କ ସଂସ୍କାର ଏଭଳି ଏକ ଦକ୍ଷତା ଯେ ଯଦି ତାହା ହଜୁର ସ:ଆ:ସଙ୍କ ମଧ୍ୟରେ ନଥାନ୍ତା ତେବେ ଆପଣଙ୍କର ଚାରିତ୍ରିକ ଆଚାରରେ ଏକ ବହୁ ମୂଲ୍ୟ ବସ୍ତୁ ଊଣା ହୋଇଯାଇଥାନ୍ତା ଅବା ଏକ ଶୂନ୍ୟ ସ୍ଥାନ ରହିଯାଇଥାନ୍ତା । ଦ୍ୱିତୀୟ କଥା ଏହା ଜଣାପଡୁଛି ଯେ ହଜୁର ସ:ଆ:ସଙ୍କୁ ଏହି ଶିକ୍ଷାରେ ପୂର୍ଣ୍ଣ ବିଶ୍ୱାସ ଥିଲା ଯାହାକୁ ହଜୁର ସ:ଆ:ସ ସଂସାରବାସୀଙ୍କ ଆଗରେ ଉପସ୍ଥାପିତ କରିଥିଲେ ଓ ମୂହୂର୍ତକ ପାଇଁ ମଧ୍ୟ ହଜୁର ସ:ଆ:ସ ଏହା ଉପରେ ଗର୍ବ ପ୍ରଦର୍ଶନ କରୁନଥିଲେ ଏବଂ ଯେପରି ଲୋକମାନେ ଆପତି କରନ୍ତି ଯେ ନଉଜୁବିଲ୍ଲା ହଜୁର ସ:ଆ:ସ ସଂସାରବାସୀଙ୍କୁ ଭୂଆଁ ବୁଲାଇବା ପାଇଁ ଏବଂ ନିଜର ରାଜତ୍ୱ ଶାସନକୁ ସୁଦୃଢ଼ କରିବାପାଇଁ ଏହିସବୁ ଇନ୍ଦ୍ରଜାଲର ରଚନା କରିଥିଲେ । ଏବଂ ହଜୁର ସ:ଆ:ସଙ୍କ ଉପରେ କୌଣସି ଐଶିବାଣୀ ଅବତୀର୍ଣ୍ଣ ହେଉନଥିଲା । ଏପରି କଥା ନଥିଲା ବରଂ ହଜୁର ସ:ଆ:ସଙ୍କୁ ନିଜର ଅବତାରତ୍ୱ ଓ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ହେବା ପ୍ରସଙ୍ଗରେ ଏପରି ଦୃଢ଼ ବିଶ୍ୱାସ ପ୍ରଦାନ କରାଯାଇଥିଲା ଯାହାର ଦୃଷ୍ଟାନ୍ତ ପୃଥିବୀରେ ଦେଖିବାକୁ ମିଳୁନାହିଁ କାରଣ ସମ୍ଭବତଃ ହଜୁର ସ:ଆ:ସଙ୍କ କୃତିମତାକୁ ପାଥେୟ କରି ନିଜର ସତ୍ୟତାକୁ ପ୍ରମାଣିତ କରୁଥିବେ । କିନ୍ତୁ ଏକଥା ଚିନ୍ତା କରାଯାଇପାରିବ ନାହିଁ ଯେ ରାତ୍ର ବେଳେ ଜଣେ ବ୍ୟକ୍ତି ବିଶେଷ ରୂପେ ନିଜର ସୁପୁତ୍ରୀ ଓ ଜ୍ୱାଇଁଙ୍କ ନିକଟକୁ ଯାଇ ସେମାନଙ୍କୁ ପଚାରିବେ କି କଣ ସେମାନେ ସେହି ଉପାସନାକୁ ସମ୍ପାଦନ କରୁଛନ୍ତି କି ନାହିଁ ଯାହାକୁ ଅଲ୍ଲାଃ ତାଲା ସେମାନଙ୍କ ଉପରେ ଧାର୍ଯ୍ୟ କରିନାହାନ୍ତି ବରଂ ଏହାକୁ ସମ୍ପାଦନ କରିବା ବିଶ୍ୱାସକାରୀର ସ୍ୱଅବସ୍ଥା ଉପରେ ନିର୍ଭରଶୀଳ । ଅର୍ଥାତ ସେହି ନମାଜ ଯାହା ଅର୍ଦ୍ଧରାତ୍ରରେ ନିଦ୍ରାରୁ ଜାଗ୍ରତ ହୋଇ ସମ୍ପାଦନ କରାଯାଇଥାଏ ହଜୁର ସ:ଆ:ସ ସେହି ରାତ୍ର ସମୟରେ ନିଜ ଜ୍ୱାଇଁ ଓ ସୁପୁତ୍ରୀକୁ ନମାଜ ତହ୍‌ଜୁଦ୍ ପାଇଁ ପ୍ରେରିତ କରିବା ଏବଂ ଏପରି ପୂର୍ଣ୍ଣ ବିଶ୍ୱାସକୁ ଦର୍ଶାଉଛି ଯାହା ହଜୁର ସ:ଆ:ସଙ୍କୁ ସେହି ଶିକ୍ଷା ଉପରେ ବିଶ୍ୱାସ ରହିଥିଲା ଏବଂ ଯେଉଁ ଶିକ୍ଷା ନେଇ ସେ ଏହି ସଂସାରକୁ ଆସିଥିଲେ ଅନ୍ୟଥା ଜଣେ ମିଥ୍ୟାବାଦୀ ବ୍ୟକ୍ତି ଯିଏ ଏହା ଜାଣେକି ଏକ ଶିକ୍ଷା ଉପରେ ପରିଚାଳିତ ହେବା ସଙ୍ଗେ ସମାନ ଏବଂ ନିଜର ସନ୍ତାନମାନଙ୍କୁ ମଧ୍ୟ ଏପରି ଗୁପ୍ତ ସମୟରେ ଉକ୍ତ ଶିକ୍ଷା ଉପରେ ପରିଚାଳିତ ହେବାପାଇଁ ଉପଦେଶ ଦେଇପାରିବେ ନାହିଁ ଅର୍ଥାତ ଶିକ୍ଷା ଉପରେ ପରିଚାଳିତ ହେବା ନିଃସନ୍ଦେହ ଗୋଟିଏ କଥା କିନ୍ତୁ ସେ ଗୁପ୍ତ ସମୟରେ ଉପଦେଶ ଦେଇପାରିବ ନାହିଁ ଏହା ସେତେବେଳେ ହିଁ ସମ୍ଭବପର ଯେତେବେଳେ ଜଣେ ବ୍ୟକ୍ତି ହୃଦୟରେ ଏହି ବିଶ୍ୱାସ ଥିବ ସେହି କୁରାନୀୟ ଶିକ୍ଷା ଉପରେ ପରିଚାଳିତ ହେବା

ବ୍ୟତିତ ପୂର୍ଣ୍ଣତା ପ୍ରାପ୍ତ ହୋଇପାରିବନାହିଁ ଅର୍ଥାତ ଶିକ୍ଷା ଉପରେ ପରିଚାଳିତ ହେବା ଏବଂ ପରିଚାଳିତ ନ ହେବା ଏକାପରି ଅଟେ । କିନ୍ତୁ ରାତ୍ର ବେଳେ ଗୁପ୍ତ ସମୟରେ ଉପଦେଶ ଦେବା ଓ ତାହା ସେତେବେଳେ ସମ୍ଭବପର ଯେତେବେଳେ ଏହି ଦୃଢ଼ ବିଶ୍ୱାସ ରହିଥିବ କି ଅଲ୍ଲାଃ ତାଲାଙ୍କ ଶିକ୍ଷା ଉପରେ ପରିଚାଳିତ ହେବା ବ୍ୟତିତ ମନୁଷ୍ୟ ଧର୍ମର ସର୍ବୋଚ୍ଚ ସ୍ତରକୁ ଉନ୍ନିତ ହୋଇପାରିବ ନାହିଁ । ତୃତୀୟ କଥା ଏହି କି ଯେ, ଯାହାକୁ ମୁଁ ପ୍ରମାଣିତ କରିବାପାଇଁ ଉକ୍ତ ବର୍ଣ୍ଣନାକୁ ଆଲୋଚନା କଲି ହଜୁର ସ:ଆ:ସ ପ୍ରତ୍ୟେକ କଥାକୁ ବୁଝାଇବା ପାଇଁ ବିନମ୍ରତା ପୂର୍ବକ ଆଚରଣ ପ୍ରଦର୍ଶନ କରୁଥିଲେ ଏବଂ କଳହ କରିବା ପରିବର୍ତେ ପ୍ରେମ ଓ ଭଲ ପାଇବା ମାଧ୍ୟମରେ କୌଣସି ବ୍ୟକ୍ତିକୁ ତାହାର ଦୋଷ ସମ୍ପର୍କରେ ସଚେତନ କରାଉଥିଲେ ସୁତରାଂ ଉକ୍ତ ଅବସରରେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ପ୍ରଶ୍ନ କଲେ ଏବଂ ତାହାକୁ ରଦ୍ଧ କରିବାପାଇଁ ପ୍ରୟାସ କଲେ ଯେ ଆମେମାନେ ଯେତେବେଳେ ନିଦ୍ରାରେ ଶୋଇଯାଉ ସେତେବେଳେ ଆମ ନିୟନ୍ତ୍ରଣ ଆମ ଉପରେ ନଥାଏ କି ଆମେ ଜାଗ୍ରତ ହୋଇପାରିବୁ ଏବଂ ନମାଜ ପାଠ କରିପାରିବୁ ତେଣୁ ଆମେ କିଭଳି ଉଠିଥାନ୍ତୁ । କାରଣ ଶୋଇଥିବା ଅବସ୍ଥାରେ ଥିବା ବ୍ୟକ୍ତିର କୌଣସି ନିୟନ୍ତ୍ରଣ ତାହା ଶରୀର ଉପରେ ନଥାଏ ଯେତେବେଳେ ସେ ଶୋଇପଡ଼େ ସେତେବେଳେ ତାକୁ ଜଣାନଥାଏ ଯେ ଅମୁକ ସମୟ ଟି ଆସି ପହଂଚିଗଲାଣି ଯାହାକି ତାହାର ଉକ୍ତ କାର୍ଯ୍ୟ କରିବା ଉଚିତ । ଯେତେବେଳେ ଅଲ୍ଲାଃ ତାଲା ଆମମାନଙ୍କ ଚକ୍ଷୁକୁ ଖୋଲି ଦିଅନ୍ତି ସେତେବେଳେ ଆମେ ନିଦ୍ରାରୁ ଜାଗ୍ରତ ହୋଇ ତାହା ସମ୍ପାଦନ କରିଦେଇଥାଉ । ଯଦିଚ ସେତେବେଳେ ଆଲାରମ୍, ଘଂଟା ଉପଲବ୍ଧ ନଥିଲା । ଉକ୍ତ ଘଟଣାକୁ ଶୁଣି ହଜୁର ସ:ଆ:ସ ନିଶ୍ଚିତ ରୂପେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ କାରଣ ହଜୁର ସ:ଆ:ସଙ୍କ ହୃଦୟରେ ଯେଉଁ ବିଶ୍ୱାସ ଥିଲା ତାହା ହଜୁର ସ:ଆ:ସଙ୍କୁ ବିସ୍ମରଣ କରିବାକୁ ଦେଉନଥିଲା ଯେ, ତହ୍‌ଜୁଦ୍‌ର ସମୟ ଅତିକ୍ରାନ୍ତ କରିଯିବ ଏବଂ ହଜୁର ସ:ଆ:ସଙ୍କୁ କୌଣସି ସୁଚନା ମିଳିନଥିବ । ତେଣୁ ହଜୁର ସ:ଆ:ସ ଅନ୍ୟ ପାର୍ଶ୍ୱକୁ ମୁହଁ ବୁଲାଇ କେବଳ ଏତିକି କହିଲେ, ମାନବ କଥା ମାନିନଥାଏ ବରଂ କଳହ ପ୍ରିୟ ଅଟେ । ଅର୍ଥାତ ତୁମକୁ ଆଗାମି ଏହା ଚେଷ୍ଟା କରିବା ଉଚିତ ଯେ ତୁମର ସମୟଟି ଅପବ୍ୟୟ ନ ହେଉ କିମ୍ବା ତୁମର ନିଜର ସମୟକୁ ଅପଚୟ କରିବା ଅନୁଚିତ ସୁତରାଂ ହଜ୍‌ରତ୍ ଅଲୀ ର:ଅ କରମୁଲ୍ଲାଃ ୱ୍ୱଜ୍‌ହହୁ କୁହନ୍ତି, ମୁଁ ଏହା ପରଠାରୁ ହଜୁର ସ:ଆ:ସଙ୍କୁ ଉକ୍ତ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ନମାଜ ତହ୍‌ଜୁଦ୍ ପାଠ କରିଥିଲି ଏବଂ କଦାପି ନମାଜ ତହ୍‌ଜୁଦ୍ ଛାଡ଼ି ନଥିଲି । ***(ସିରତୁନ୍ ନବୀ, ଅନୱ୍ୱାରୁଲ୍ ଉଲୁମ୍, ଖଣ୍ଡ-୧, ପୃ-୫୮୮-୫୯୦)***

ଉକ୍ତ ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଛି ଆଗାମି ଖୁତ୍‌ବାରେ ଇନ୍‌ଶାଅଲ୍ଲାଃ ଏହି ଚର୍ଚ୍ଚା ଆଗକୁ ବଢ଼ିବ ।

ପାକିସ୍ତାନରେ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି ତାହା ଅତ୍ୟନ୍ତ ଭୟାବହ କେତେକ ଅଫିସରମାନେ ମୌଲବୀମାନଙ୍କ ପଛରେ ଚାଲି ଅର୍ଥାତ ମୌଲବୀମାନଙ୍କୁ ଅନୁସରଣ କରି, ତାଙ୍କ ସହିତ ମିଶି ଆମମାନଙ୍କ ଯଥାସାଧ୍ୟ କ୍ଷତିସାଧନ କରିବାପାଇଁ ଉଦ୍ୟମ କରୁଛନ୍ତି ତେଣୁ ଆପଣମାନେ ବିଶେଷରୂପେ ଦୁଆ କରନ୍ତୁ ଏବଂ ପାକିସ୍ତାନର ରବ୍ୱ୍ୱାଠାରେ ବସବାସ କରୁଥିବା ଅହେମଦୀମାନେ ଅନ୍ୟ ସହରରେ ବସବାସ କରୁଥିବା ଅହେମଦୀମାନେ ମଧ୍ୟ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସର୍ବତ୍ର ସେମାନଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଏବଂ ଉପଦ୍ରବକାରୀଙ୍କର ଉପଦ୍ରବଠାରୁ ସେମାନଙ୍କୁ ସୁରକ୍ଷିତ ରଖନ୍ତୁ ଶତ୍ରୁର କୁଯୋଜନା ଓ ମନ୍ଦ ଉଦ୍ଦେଶ୍ୟ ମୁଳକ ଷଡଯନ୍ତ୍ରଠାରୁ ଅହେମଦୀମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ସେହି ଲୋକମାନଙ୍କୁ ଅଲ୍ଲାଃ ତାଲା ଯଥାଶିଘ୍ର ଦଣ୍ଡିତ କରନ୍ତୁ । ନମାଜ ଜୁମା ପରେ ଆଜି ମଧ୍ୟ ମୁଁ କେତେକ ମୃତକଙ୍କର ନମାଜ ଯନାଜାଃ ପାଠ କରାଇବି ଏବଂ ସେମାନଙ୍କ ସମ୍ପର୍କରେ ସଂକ୍ଷିପ୍ତ ଚର୍ଚ୍ଚା କରିବାକୁ ଚାହୁଁଛି । ପ୍ରଥମ ମୃତକ ହେଉଛନ୍ତି ସମ୍ମାନୀୟ ସ୍ୱର୍ଗତ କମାଣ୍ଡର ଚୌଧୁରୀ ମୁହମ୍ମଦ ଅସ୍‌ଲମ ସାହେବ ଯିଏକି କାନାଡ଼ାର ଅଧିବାସୀ ଥିଲେ ନଭେମ୍ବର ୨ ତାରିଖ ଦିନ ତାଙ୍କର ବିୟୋଗ ହୋଇଛି, *ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ ।*

କମାଣ୍ଡର ସାହେବ ୧୯୨୯ ମସିହାରେ ପାକିସ୍ତାନର ଗୁଜୁରାଁୱ୍ୱାଲାଠାରେ ଜନ୍ମଗ୍ରହଣ କରିଥିଲେ ସେହିଠାରୁ ହିଁ ସେ ମାଟ୍ରିକପାସ କରି ତାଲିମୁଲ୍ ଇସ୍‌ଲାମ୍ କଲେଜ ଓ ଲାହୋର୍‌ର ସରକାରୀ କଲେଜ୍‌ରୁ ଏଫ୍‌ଏସି କରିଥିଲେ । ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଡକ୍ଟର ଅବ୍‌ଦୁସ୍ ସଲାମ୍ ସାହେବଙ୍କ ତତ୍ୱାବଧାନରେ ପଦାର୍ଥ ବିଜ୍ଞାନରେ ତାଙ୍କୁ ଏମ୍‌ଏସ୍‌ସି କରିବାକୁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ୧୯୪୮ ମସିହାରେ ଫୁର୍‌କାନ୍ ଫୋର୍ସରେ ଭର୍ତି ହୋଇ ସ୍ୱାଧିନ କଶ୍ମୀରରେ ନିଯୁକ୍ତ ହୋଇଥିଲେ । ଯେଉଁଠି ତାଙ୍କୁ ମୁଜାହିଦେ କଶ୍ମୀରର ପ୍ରମାଣ ପତ୍ର ଓ କଶ୍ମୀରର ସ୍ୱାଧିନତା ପାଇଁ ପଦକ ଦ୍ୱାରା ସମ୍ମାନିତ କରାଯାଇଥିଲା । ସ୍ୱର୍ଗତ କମାଣ୍ଡର ସାହେବ ୧୯୫୫ ମସିହାରେ ପାକିସ୍ତାନ ନାଭିରେ ଭର୍ତି ହୋଇଥିଲେ ଯେଉଁଠି ସେ ପାକିସ୍ତାନ ନାଭାଲ୍ ଏକାଡ଼େମିର ଡ଼ାଇରେକ୍ଟର୍ ଅଫ୍ ଷ୍ଟଡ଼ିଜ୍, ୱ୍ୱାହ୍‌ଟ୍‌ରେ ଡ଼େପୁଟି ପ୍ରେସିଡ଼େଂଟ୍ ଅଫ୍ ଇଂଟର ସର୍ଭିସ ସିଲେକ୍ସନ ବୋର୍ଡ଼ର ଦାୟିତ୍ୱ ବହନ କରିଥିଲେ । ଇସ୍‌ଲାମାବାଦ୍‌ର ନାଭାଲ୍ ହେଡ଼୍ କ୍ୱାର୍ଟରର ଡ଼େପୁଟି ଡ଼ାଇରେକ୍ଟର୍ ନାଭାଲ୍ ଏଜୁକେଶନ୍ ସର୍ଭିସ ଆଦି ପ୍ରମୁଖ ପଦବୀରେ ନିର୍ଦ୍ଦେଶକ ଭାବରେ କର୍ତବ୍ୟ ସମ୍ପାଦନ କରିବାକୁ ତାଙ୍କୁ ସୌଭାଗ୍ୟ ଲାଭ ହୋଇଥିଲା । ସ୍ୱର୍ଗତ କମାଣ୍ଡର ସାହେବ ନାଭାଲ୍ ଏଜୁକେସନ୍ ସେଂଟରରେ ନୂତନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲିବାର ଯୋଜନା କରିବାରେ ଏବଂ ସେହିପରି ବେହେରିଆ ବିଶ୍ୱବିଦ୍ୟାଳୟ ସ୍ଥାପନରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୁମିକା ରହିଥିଲା ।

ପାକିସ୍ତାନ ନେଭିରୁ ଅବସର ନେବାପରେ ସେ କାନାଡ଼ା ଚାଲି ଆସିଥିଲେ ଏବଂ ଟୋରାଂଟର ମିଶନ ହାଉସ୍‌ରେ ଦୀର୍ଘ ଏକବର୍ଷ ଧରି ୱ୍ୱକ୍‌ଫେ ଆର୍ଜି କରିଥିଲେ । ୧୯୯୩ ମସିହାରେ ସେ ଅବସର ପରେ ୱ୍ୱକ୍‌ଫ କରିବା ପାଇଁ ଆବେଦନ କଲେ ଯାହାକୁ ହଜରତ ଖଲିଫତୁଲ୍ ମସିହ ଚତୁର୍ଥ ଗ୍ରହଣ କରିନେଇଥିଲେ । ତାଙ୍କର ଯମାତ୍ ସମ୍ପର୍କିତ ଯେଉଁ ସେବାଗୁଡ଼ିକ ରହିଛି ତାହା ଦୀଘ ୨୮ ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଉକ୍ତ ଅବଧି ମଧ୍ୟରେ ସ୍ୱର୍ଗତ କମାଣ୍ଡର ସାହେବ ସମ୍ପତି ବିଭାଗର ସାଧାରଣ ସଚିବ, ରିସ୍ତାନାତା ସଚିବ, ମିଶନ ହାଉସ୍ ବିଭାଗର ଅତିରିକ୍ତ ସଚିବ ଏବଂ ହୋମିଓପାଥି କ୍ଲିନିକ ଆଦିରେ ତାଙ୍କୁ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସ୍ୱର୍ଗତ କମାଣ୍ଡର ସାହେବ ଅତ୍ୟନ୍ତ ବିନମ୍ର ସ୍ୱଭାବ ସମ୍ପନ୍ନ ମିଷ୍ଟଭାଷୀ ବ୍ୟକ୍ତି ଥିଲେ । ପ୍ରତ୍ୟେକ ବ୍ୟକ୍ତି ସହିତ ନମ୍ର ବ୍ୟବହାର ପ୍ରଦଶର୍ନ କରୁଥିଲେ ସେ ନିୟମିତ ନମାଜ ପାଠ କାରୀ, ଖିଲାଫତ୍ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା ଓ ସେ ନିଜ ଜୀବନକୁ ଉତ୍ସର୍ଗ କରିବାପାରେ ନିଜର ସକଳ ସମୟକୁ ଯମାତ୍‌ର ସେବା କରିବାରେ ଭରପୂର ଉଦ୍ୟମ କରୁଥିଲେ । ବିଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ ଏହା ସତ୍ୱେ ମଧ ଯେତେବେଳେ ତାଙ୍କ ସ୍ୱାସ୍ଥବ୍ୟସ୍ଥାରେ କିଛି ଉନ୍ନିତ ଘଟୁଥିଲା ସେ ଯଥା ଶିଘ୍ର ମିଶନ୍ ହାଉସ ପହଂଚୁଥିଲେ ଏବଂ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଧର୍ମ ସେବାରେ ନିମର୍ଜିତ ଥିଲେ । ମୃତକଙ୍କ ପରିଜନମାନଙ୍କ ମଧ୍ୟରେ ତାଙ୍କର ପତ୍ନୀ ଓ ତିନିପୁତ୍ର ଅଛନ୍ତି । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟକର୍ମ ଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ । ତାଙ୍କ ବୋହୁ ନୁସ୍‌ରତ୍ ଯାହାଁ ସାହେବା କୁହନ୍ତି ମୋ ଶ୍ୱଶୁର ଅତ୍ୟନ୍ତ ବିନମ୍ର, ଦୟାବାନ ହୃଦୟ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ:* *Idrish Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

*ତାଲିବେ ଦୁଆ:* *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ:* *Abdul Chand & Family,*
*Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ:* *Anisha Begum, Jamat Ahmadiyya, Kerang (Odisha)*

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 21 Jan 2021 Issue No. 03

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

## ଖୁତ୍‌ବା ଯୁମା ପ୍ରଦତ ୦୪ ଡ଼ିସେମ୍ବର ୨୦୨୦ର ଅବଶିଷ୍ଟାଂଶ

ସଫୱାନ୍ ଯୁଦ୍ଧ, ପ୍ରଥମ ବଦର ଯମାଦିଲ୍ ଆଖିର ମାସ ୨ ହିଜ୍‌ରୀରେ ହୋଇଥିଲା । ଏହାର ବ୍ୟାଖ୍ୟା କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ କୁହନ୍ତି ହଜୁର ସ:ଆ:ସ ଉସୈରାଃ ଅଭିଯାନରୁ ଫେରି ମଦିନାରେ ଦଶ ଦିନ ମଧ୍ୟ ଅତିବାହିତ କରିନଥିଲେ କି ମକ୍କାର ଜଣେ ଧର୍ନାଢ଼୍ୟ ବ୍ୟକ୍ତି କୁର୍ଜ ବିନ୍ ଜାବିର୍ ଫିହିରି କୁରୈଶ୍‌ର ଏକ ସୈନ୍ୟଦଳ ନେଇ ବେଶ୍ ଚତୁରତାର ସହ ମଦିନାର ଚାରଣ ଭୂମି ଯାହାକି ସହରଠାରୁ ମାତ୍ର ତିନି ମାଇଲ୍ ଦୁରରେ ଅବସ୍ଥିତ ଥିଲା ଅତର୍କିତ ଭାବରେ ଆକ୍ରମଣ କରିଦେଲା ଏବଂ ମୁସଲମାନମାନଙ୍କ ଓଟ ନେଇ ଚାଲିଗଲା । ହଜୁର ସ:ଆ:ସଙ୍କୁ ଯେତେବେଳେ ଏହାର ସୁଚନା ମିଳିଲା ସେତେବେଳେ ଆପଣ ସଙ୍ଗେ ସଙ୍ଗେ ଜୈଦ୍ ବିନ୍ ହାରିସ୍‌ଙ୍କୁ ନିଜ ପଛରେ ଅମୀର ମୁତୟନ କରି ହିଜରତକାରୀଙ୍କ ଏକ ଦଳ ନେଇ ତାହା ପଛରେ ବାହାରି ପଡ଼ିଲେ ଏବଂ ବଦର ନିକଟରେ ସଫୱାନ ପର୍ଯ୍ୟନ୍ତ ଗଲେ କିନ୍ତୁ ଉକ୍ତ ଦୁର୍ବୃତ ଜଣକ ଖସି ପଳାଇଯିବାରେ ସଫଳ ହେଲା । ଏହାକୁ ପ୍ରଥମ ବଦର ଅଭିଯାନ ମଧ୍ୟ କୁହାଯାଏ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍.......... ପୃ-୩୩୦)***

ଏଥିରେ ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ଧବଳ ରଙ୍ଗର ଧ୍ୱଜା ପ୍ରଦାନ କରିଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୨୫୩........... ଲେବ୍‌ନାନ୍ ୧୯୯୬)***

ବଦର ଯୁଦ୍ଧ ଦୁଇ ହିଜ୍‌ରୀ ଅନୁଯାୟୀ ୬୨୩ ଖ୍ରୀଷ୍ଟାବ୍ଦରେ ଘଟିଥିଲା । ବଦର ଯୁଦ୍ଧ ଅବସରରେ ଉଭୟ ଦଳର ସୈନ୍ୟଦଳ ମୁହାଁମୁହିଁ ହେଲେ ସେତେବେଳେ ପ୍ରଥମେ ରବିୟାର ଦୁଇ ପୁତ୍ର ଶୈବାଃ ଓ ଉତ୍‌ବା ଏବଂ ୱଲିଦ୍ ବିନ୍ ଉତ୍‌ବା ବାହାରିଲେ ଏବଂ ଯୁଦ୍ଧ ପାଇଁ ମୁସଲମାନମାନଙ୍କୁ ଆମନ୍ତ୍ରିତ କଲେ । ତେବେ ବନୁ ହାରିସ୍ ସମ୍ପ୍ରଦାୟର ତିନିଜଣ ଅନ୍‌ସାର ମୁଆଜ୍, ମୁଆୱିଜ୍ ଓ ଅଓଫ୍ ଯେଉଁମାନେ ଇଫ୍‌ରାର ପୁତ୍ର ଥିଲେ । ସେମାନେ ମୁକାବିଲା ନିମନ୍ତେ ବାହାରିଲେ କିନ୍ତୁ ହଜୁର ସ:ଆ:ସ ସେମାନଙ୍କୁ ଫେରି ଆସିବାକୁ କହିଲେ ଏବଂ କହିଲେ, ହେ ବନୁ ହାସିମ୍ ! ଉଠ ଏବଂ ନିଜ ଅଧିକାର ଲାଗି ସଂଗ୍ରାମ କର ଯାହା ସହିତ ଅଲ୍ଲାଃ ତାଲା ତୁମର ନବୀଙ୍କୁ ଅବତୀର୍ଣ୍ଣ କରିଛନ୍ତି । ସୁତରାଂ ହଜ୍‌ରତ୍ ହମ୍‌ଜା ର:ଅ, ହଜ୍‌ରତ୍ ଅଲୀ ଓ ହଜ୍‌ରତ୍ ଉବୈଦା ର:ଅ ଛିଡ଼ା ହେଲେ ଏବଂ ଶତ୍ରୁମାନଙ୍କ ଆଡ଼କୁ ଅଗ୍ରସର ହେଲେ । ଉତ୍‌ବା ନିଜ ପୁତ୍ରକୁ କହିଲା ହେ ୱଲିଦ୍ ! ଉଠ ସୁତରାଂ ହଜ୍‌ରତ୍ ଅଲୀ ର:ଅ ତାହା ସହିତ ମୁକାବିଲା କରିବାକୁ ଗଲେ ଏବଂ ଉଭୟଙ୍କ ମଧ୍ୟରେ ତରବାରୀ ଯୁଦ୍ଧ ଆରମ୍ଭ ହୋଇଗଲା । ହଜ୍‌ରତ୍ ଅଲୀ ର:ଅ ତାହାକୁ ପରାସ୍ତ କରି ନୀହତ କଲେ ଏହାପରେ ଉତ୍‌ବା ଛିଡ଼ା ହେଲେ ହଜ୍‌ରତ୍ ହମ୍‌ଜା ର:ଅ ତାହାକୁ ବଦ୍ଧ କରିଦେଲେ ଏହାପରେ ସୈବା ଛିଡ଼ା ହେଲା ହଜ୍‌ରତ୍ ଉବୈଦା ର:ଅ ନିଜର ବାର୍ଦ୍ଧକ୍ୟ ସତ୍ୱେ ତାହାକୁ ନିହତ କରିଥିଲେ । ହଜ୍‌ରତ୍ ଉବୈଦା ର:ଅଙ୍କ ଗୋଡ଼ ଉପରେ ସୈବା ପ୍ରହାର କରିଥିଲା ଯଦ୍ୱାରା ତରବାରୀର ଧାର ଗୋଇଠିରେ ବାଜିଥିଲା ଯାହା ଫଳରେ ତରବାରୀଟି ତାଙ୍କ ଗୋଇଠିର ମାଂସକୁ ଚିରି ଦେଇଥିଲା । ହଜ୍‌ରତ୍ ହମ୍‌ଜା ଓ ହଜ୍‌ରତ୍ ଅଲୀ ର:ଅ ଆଗକୁ ଅଗ୍ରସର ହୋଇ ସୈବା ଉପରେ ଆକ୍ରମଣ କଲେ ଓ ତାକୁ ହତ୍ୟା କରିଦେଇଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୨୫୭........... ଲେବ୍‌ନାନ୍ ୧୯୯୬)***

ଦୁଇବର୍ଷ ପୂର୍ବେ ଏକ ଦ୍ରଷ୍ଟବ୍ୟ ବର୍ଣ୍ଣନା କରାଯାଇଥିଲା ତାହାର କିଛି ଅଂଶ ପୁନଶ୍ଚ ବର୍ଣ୍ଣନା କରୁଅଛି କି ହଜ୍‌ରତ୍ ଅଲୀ ର:ଅ କୁହନ୍ତି ଉତ୍‌ବା ବିନ୍ ରବିୟା ଓ ତାହା ପଛରେ ତାହାର ଦୁଇପୁତ୍ର ଓ ଭାଇ ମଧ୍ୟ ବାହାରିଲେ ଏବଂ ଚିତ୍କାର କରି କହିଲେ କିଏ ଆମ ସହିତ ମୁକାବିଲା କରିବ ? ଏଥିରେ ଅନ୍‌ସାରମାନଙ୍କ ମଧ୍ୟରୁ ଅନେକ ବୀର ଯୁବକ ବାହାରିଲେ, ଅଂଟା ଭିଡ଼ିଲେ ତଥା ଉତ୍‌ବା ତାଙ୍କୁ ପଚାରିଲା ତୁମେ କିଏ ? ନିଜର ପରିଚୟ ଦିଅ । ସେମାନେ କହିଲେ ଆମେ ଅନ୍‌ସାର । ଉତ୍‌ବା କହିଲା ଆମକୁ ତୁମଠାରୁ କିଛି ନେଣଦେଣ ନାହିଁ । ଆମେ କେବଳ ନିଜ ଚଚାଙ୍କ ପୁତ୍ରମାନଙ୍କ ସହିତ ଲଢ଼ିବୁ । ଏଥିରେ ହଜୁର ସ:ଆ:ସ କହିଲେ, ହେ ହମ୍‌ଜା ଉଠ, ହେ ଅଲୀ ଛିଡ଼ା ହୋଇଯାଅ ଏବଂ ହେ ଉବୈଦାଃ ବିନ୍ ହାରିସ୍ ଆଗକୁ ବଢ଼ ହମ୍‌ଜା, ଉତ୍‌ବା ଆଗକୁ ଅଗ୍ରସର ହେଲେ ହଜ୍‌ରତ୍ ଅଲୀ ର:ଅ ସୈବା ଆଡ଼କୁ ବଢ଼ିଲେ ଏବଂ ଉବୈଦାଃ ର:ଅଙ୍କର ୱଲିଦ୍ ସହ ମୁହାଁମୁହିଁ ହେଲା । ଉଭୟଙ୍କ ମଧ୍ୟରେ ଭିଷଣ ଲଢ଼େଇ ହେଲା ଏବଂ ଦୁହେଁ ପରସ୍ପରକୁ କ୍ଷତବିକ୍ଷତ କରିଦେଲେ । ଆମେ ୱଲିଦ୍ ଆଡ଼କୁ ଆକ୍ରମଣ କରି ତାକୁ ନିହତ କଲୁ ଓ ଉବୈଦାଃଙ୍କୁ ରଣଭୂମିରୁ ଉଠାଇ ଆଣିଲୁ । ***(ସୁନନେ ଅବୁ ଦାଉଦ୍, କିତାବୁଲ୍ ଜିହାଦ୍...... ହଦିସ୍ ୨୬୬୫)***

ହଜ୍‌ରତ୍ ଅଲୀ ର:ଅ କୁହନ୍ତି ବଦର୍ ଯୁଦ୍ଧରେ ଅମାନ୍ୟକାରୀଙ୍କ ସଂଖ୍ୟା ମୁସଲମାନମାନଙ୍କଠାରୁ ଢ଼େର୍ ଅଧିକ ଥିଲା । ହଜୁର ସ:ଆ:ସ ସାରା ରାତି ଦୁଆ ରେ ଏବଂ ବିନମ୍ର ପ୍ରାର୍ଥନାରେ ଅତିବାହିତ କରୁଥିଲେ । ଯେତେବେଳେ ଅମାନ୍ୟକାରୀ ଆମ ସମ୍ମୁଖକୁ ଆସିଲେ ସେତେବେଳେ ଆମେ ଧାଡ଼ି ବାନ୍ଧିନେଲୁ । ସେଠାରେ ଜଣେ ବ୍ୟକ୍ତି ଉପରେ ନଜର ପଡ଼ିଲା ଯେ ଲାଲି ଓଟ ଉପରେ ଆରୋହଣ କରି ଚାଲିଆସୁଥିଲା । ହଜୁର ସ:ଆ:ସ କହିଲେ ହେ ଅଲୀ, ହମ୍‌ଜା ଅମାନ୍ୟକାରୀମାନଙ୍କ ନିକଟକୁ ଯାଅ ପଚାର ଉକ୍ତ ବ୍ୟକ୍ତି ଜଣକ କିଏ ଓ ସେ କଣ କହୁଛି ପୁନଶ୍ଚ ହଜୁର ସ:ଆ:ସ କହିଲେ ଯଦି ସେମାନଙ୍କ ମଧ୍ୟରୁ କେହି ତାଙ୍କୁ ହିତ ଉପଦେଶ ଦେଇପାରେ ତେବେ ସେହି ସଂପୃକ୍ତ ବ୍ୟକ୍ତିଜଣକ ଦେଇପାରେ । ଇତି ମଧ୍ୟରେ ହଜ୍‌ରତ୍ ହମ୍‌ଜା ର:ଅ ଆସି ସୁଚନା ଦେଲେ ଯେ ସେ ହେଉଛି ଉତ୍‌ବା ବିନ୍ ରବିୟା ଯିଏ ଅମାନ୍ୟକାରୀଙ୍କୁ ଯୁଦ୍ଧ କରିବାକୁ ବାରଣ କରୁଛନ୍ତି ତାହା ପ୍ରତିଉତରରେ ଅବୁ ଜହଲ୍ ତାକୁ ଭୀରୁ ଓ କାପୁରୁଷ ବୋଲି ସମ୍ବୋଧନ କରି ଯୁଦ୍ଧ କରିବାକୁ ଭୟ କରୁଥିବାର କହୁଛି । ଏଥିରେ ଉତ୍‌ବା କହିଲା ଆଜି ଦେଖିବା କାପୁରୁଷ କିଏ ? ***(ମସ୍‌ନଦ୍ ଅହ୍‌ମଦ୍, ଖଣ୍ଡ-୧, ପୃ-୩୩୮-୩୩୯....... ହଦିସ୍ ୯୪୮...... ବେରୁତ ୧୯୯୮)*** ଏବଂ ଏପରି କହି ଯୁଦ୍ଧ ଆରମ୍ଭ ହୋଇଥିଲା ଯାହାକି ବଦର ଯୁଦ୍ଧରେ ନାମିତ ।

ହଜ୍‌ରତ୍ ଅଲୀ ର:ଅବର୍ଣ୍ଣନା କରନ୍ତି ହଜୁର ସ:ଆ:ସ ବଦର ଯୁଦ୍ଧ ଅବସରରେ ମୋ ସମ୍ବନ୍ଧରେ ଓ ହଜ୍‌ରତ୍ ଅବୁବକର ର:ଅଙ୍କ ବିଷୟରେ କହିଲେ, ତୁମ ଦୁହିଁଙ୍କ ମଧ୍ୟରୁ ଜଣଙ୍କ ଦକ୍ଷିଣ ପାର୍ଶ୍ୱରେ ହଜ୍‌ରତ୍ ଜିବ୍‌ରାଇଲ୍ ବିରାଜମାନ ଅଛନ୍ତି ଏବଂ ଦ୍ୱିତୀୟ ଜଣଙ୍କ ଡ଼ାହାଣ ପାର୍ଶ୍ୱରେ ହଜ୍‌ରତ ମିକାଇଲ୍ ବିରାଜମାନ ଏବଂ ମହାନ ଈଶ୍ୱର ଦୁତ ହଜ୍‌ରତ୍ ଇସ୍‌ରାଫିଲ୍ ଯିଏ କି ଯୁଦ୍ଧ ସମୟରେ ଧାଡ଼ି ମଧ୍ୟରେ ବିରାଜମାନ ରହିଛନ୍ତି । ***(ମୁସ୍‌ତଦ୍‌ରକ୍ ଅଲସ୍ ସହିହିନ୍, ଖଣ୍ଡ-୩, ପୃ-୩୪୫...... ହଦିସ୍- ୪୭୧୧...... ଲେବ୍‌ନାନ୍ ୨୦୦୨)***

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ବଦର ଯୁଦ୍ଧ ପ୍ରସଙ୍ଗରେ ଉଲ୍ଲେଖ କରନ୍ତି । ହଜ୍‌ରତ୍ ଅଲୀ ର:ଅ କୁହନ୍ତି ଯୁଦ୍ଧ ଲଢ଼ିବା ବେଳେ ମୋର ବାରମ୍ବାର ହଜୁର ସ:ଆ:ସଙ୍କର କଥା ମନେପଡୁଥିଲା ଅତଏବ ମୁଁ ତାଙ୍କ ନିକଟକୁ ଦଉଡ଼ି ଚାଲିଯାଉଥିଲି ତେବେ କଣ ଦେଖୁଥିଲି କି ପ୍ରତ୍ୟେକ ଥର ହଜୁର ସ:ଆ:ସ ବିନମ୍ର ଓ ଆକୁଳ ପ୍ରାର୍ଥନା ସହିତ ନତମସ୍ତକ ରହିଛନ୍ତି ଏବଂ ଆପଣ ଏହି ଉକ୍ତି ପୁନରାବୃତି କରିଛନ୍ତି: **ୟା ହୟୁ ୟା କୟୁମୁ- ୟା ହୟୁ ୟା କୟୁମୁ** ଅର୍ଥାତ ହେ ମୋର ଈଶ୍ୱର ମୋ ଜୀବନ୍ତ ଈଶ୍ୱର ! ହେ ମୋର ଜୀବନ ପ୍ରଦାନକାରୀ ମାଲିକ । ଆପଣଙ୍କ ଏ ଅବସ୍ଥା ଦେଖି ହଜରତ ଅବୁବକର ର:ଅ ବ୍ୟସ୍ତବିବ୍ରତ ହୋଇପଡୁଥିଲେ ଏବଂ ହଜୁର ସ:ଆ:ସଙ୍କୁ ଏକଥା ମଧ୍ୟ କହୁଥିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ହେ ମଉଡ଼ମଣି ! ମୋ ପିତା ମାତା ଆପଣଙ୍କ ଉପରେ ଉତ୍ସର୍ଗୀକୃତ ଆପଣ କାହିଁ ଏତେ ଅଥୟ ହେଉଛନ୍ତି ? ପ୍ରଭୁ ନିଜ ଅଙ୍ଗୀକାର ନିଶ୍ଚୟ ପୂରଣ କରିବେ ତଥାପି ହଜୁର ସ:ଆ:ସ ବରାବର ଦୁଆ କରିବାରେ ବ୍ୟସ୍ତ ଥିଲେ ଏବଂ ଏହି ଆଶଙ୍କାରେ ଥିଲେ ଯେ ପ୍ରଭୁଙ୍କ ଅଙ୍ଗୀକାର କେତେକ ସମୟରେ ସର୍ତ ଉପରେ ନିର୍ଦ୍ଧାରିତ ହୋଇଥାଏ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍...... ପୃ-୩୬୧)***

ହଜ୍‌ରତ୍ ଅଲୀ ର:ଅଙ୍କର ହଜ୍‌ରତ୍ ଫାତିମା ର:ଅଙ୍କ ସହିତ ଦୁଇ ହିଜ୍‌ରୀରେ ବିବାହ ହୋଇଥିଲା । ହଜ୍‌ରତ୍ ଅଲୀ ର:ଅ ହଜୁର ସ:ଆ:ସଙ୍କ ସେବାରେ ହଜ୍‌ରତ୍ ଫାତିମା ର:ଅଙ୍କୁ ବିବାହ କରିବାପାଇଁ ଆବେଦନ କରିଥିଲେ ଯାହାକୁ ହଜୁର ସ:ଆ:ସ ସାଦରେ ଗ୍ରହଣ କରିନେଇଥିଲେ । ହଜ୍‌ରତ୍ ଅନସ୍ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଅବୁବକର ଓ ହଜ୍‌ରତ୍ ଉମର୍ ର:ଅ ଦୁହେଁ ହଜୁର ସ:ଆ:ସଙ୍କ ନିକଟକୁ ନିଜ ପାଇଁ ହଜ୍‌ରତ୍ ଫାତିମାଙ୍କ ହାତ ମାଗିବାର ପ୍ରସ୍ତାବ ପଠାଇଥିଲେ କିନ୍ତୁ ହଜୁର ସ:ଆ:ସ ସେମାନଙ୍କୁ କୌଣସି ଉତର ଦେଇନଥିଲେ ବରଂ ନୀରବ ରହିଥିଲେ ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରନ୍ତି ମୁଁ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲି ଏବଂ ହଜ୍‌ରତ୍ ଫାତିମାଙ୍କ ହାତ ମାଗିଲି ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ କଣ ତୁମ ପାଖରେ ନିଜ ପତ୍ନୀକୁ ମହେର୍ ଦେବାପାଇଁ କିଛି ଜିନିଷ ଅଛି ? ହଜ୍‌ରତ୍ ଅଲୀ ର:ଅ କହିଲେ, ମୋର ଅଶ୍ୱ ଓ ମୋର ଯୁଦ୍ଧ ପୋଷାକ ଅର୍ଥାତ ରକ୍ଷାକବଚ ଅଛି । ହଜୁର ସ:ଆ:ସ କହିଲେ, ନିଜର ଯୁଦ୍ଧ ପୋଷାକକୁ ବିକ୍ରି କରିଦିଅ ସୁତରାଂ ହଜ୍‌ରତ୍ ଅଲୀ ର:ଅ ପୋଷାକକୁ ୪୮୦ ଦିର୍‌ହମ୍‌ରେ ବିକ୍ରି କରି ଧାର୍ଯ୍ୟ ମେହେର୍‌ର ବନ୍ଦୋବସ୍ତ କଲେ । ଲୋକମାନେ କୁହନ୍ତି ଆଗ ମେହେର ନିର୍ଦ୍ଧାରଣ କରିନିଅ ତା'ପରେ ଯାହା ହେବ ଦେଖିନେବା ଅର୍ଥାତ ପରେ ଦେଇଦେବା । କିନ୍ତୁ ହଜୁର ସ:ଆ:ସ ତ କହିଥିଲେ ଯେ ଆଗ ଧାର୍ଯ୍ୟ ମେହେର୍ ନବବଧୂକୁ ଦେବାର ବ୍ୟବସ୍ଥା କର ଏହାର ଅର୍ଥ ହେଉଛି, ତୁରନ୍ତ ତାଙ୍କୁ ତାଙ୍କର ମେହେର୍ ପ୍ରଦାନ କରିଦେବା ଉଚିତ । କେତେକ ଲୋକ ମତେ ପତ୍ର ଲେଖିଥାନ୍ତି ମହିଳାମାନେ ପ୍ରଥମେ ଧାର୍ଯ୍ୟ ମେହେର୍ ମାଗୁଛନ୍ତି ଯେବେକି ଆମେମାନେ ତ ବେଶ୍ ହସଖୁସିରେ ଜୀବନ ଯାପନ କରୁଛୁ । ମହିଳାମାନେ ଯଦି ପ୍ରାଥମିକ ପ୍ରର୍ଯ୍ୟାୟରେ ମେହେର୍ ମାଗନ୍ତି ତେବେ ତାହା ତାଙ୍କର ଅଧିକାର ତେଣୁ ସେହି ଅଧିକାର ତାଙ୍କୁ ପ୍ରଦାନ କରିଦେବା ଉଚିତ । ଏହା ନ ଦେବା ଯୋଗୁଁ କଳହ ଉପୁଜିଥାଏ । ଏହାର ତଲାକ୍ ଖୁଲା ସହିତ କୌଣସି ସମ୍ପର୍କ ନାହିଁ କି ତଲାକ୍ ଅବା ଖୁଲା ହେଲେ ଯାଇ ଆମେ ମହିଳାଙ୍କୁ ତାଙ୍କର ମେହେର୍ ପ୍ରଦାନ କରିବ ।

ସେ ଯାହା ହେଉ ହଜ୍‌ରତ୍ ଅଲୀ ର:ଅ ସେହି ଯୁଦ୍ଧ କବଚକୁ ହଜ୍‌ରତ୍ ଉସ୍‌ମାନଙ୍କୁ ବିକ୍ରି କଲେ ହଜ୍‌ରତ୍ ଉସ୍‌ମାନ ତାହାର ମୂଲ୍ୟ ପ୍ରଦାନ

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan